# ମୂଳଶବ୍ଦ ବୋଧିକା

ଶ୍ରୀ ମୃତ୍ୟୁଞ୍ଜୟ ରଥ କାବ୍ୟତୀର୍ଥ ସଙ୍କଳିତ ।

ଶ୍ରୀ ହରେକୃଷ୍ଣ ଦାସଙ୍କ ଦ୍ୱାରା
ପ୍ରକାଶିତ

ପ୍ରଥମ ସଂସ୍କରଣ ୧୯୦୧
ଦ୍ୱିତୀୟ ସଂସ୍କରଣ ୧୯୧୩

ଶ୍ରୀ ମୃତ୍ୟୁଞ୍ଜୟ ରଥ [illegible] ତୀର୍ଥ

ସଙ୍କଳିତ ।

---

ଶ୍ରୀ ହରେକୃଷ୍ଣ ଦାସଙ୍କ ଦ୍ୱାରା

ପ୍ରକାଶିତ ।

---

ଦ୍ୱିତୀୟ ସଂସ୍କରଣ ।

*( All rights reserved. )*

ମୂଲ୍ୟ ଟ ୦ ୵ ଦୁଇଅଣା ।

ମୁଁ ତେତେବେ

କିନ୍ତୁ ସେହି ଦିନଠ [illegible] ନୁସନ୍ଧିତ୍ସା ମୋର ହୃଦୟ
ଅଙ୍କୁରିତ ହେଲା ଏବଂ ଅବସରକ୍ରମେ ଯେତକ କେତେକ ସଂଗ୍ରହ କ
ଥିଲି, ତାହା ଏ ପୁସ୍ତକରେ ପ୍ରକାଶ କଲି । ଯଦି ଏତଦ୍ଦ୍ୱାରା ସାଧାର
ଙ୍କର କିଛି ଉପକାର ହୁଏ, ତେବେ ମୋହର ଶ୍ରମ ସାର୍ଥକହେବ ।

୧୮ । ୯ । ୧୯୦୧
କଟକ ।

ଶ୍ରୀ ମୃତ୍ୟୁଞ୍ଜୟ ରଥ ।

---

## ଦ୍ୱିତୀୟବାରର ବିଜ୍ଞାପନ ।

ପ୍ରାୟ ୧୧ ବର୍ଷ ପରେ ମତ୍ପ୍ରଣୀତ ଏହି ପୁସ୍ତିକାର ଦ୍ୱିତୀୟ ସଂସ୍କର
ହେଲା । ଓଡ଼ିଶାର 'ପାଠ୍ୟପୁସ୍ତକ ନିର୍ବାଚନସମିତି' ଏହାକୁ ପ୍ରାଚ
ଓ ଲାଇବ୍ରେରି' ତାଲିକାଭୁକ୍ତ କରିଥିବାରୁ ମୁଁ ସମିତିଙ୍କଠାରେ
କୃତଜ୍ଞତା ପ୍ରକାଶ କରୁଅଛି । ଏ ସଂସ୍କରଣରେ ପ୍ରଥମ ମୁଦ୍ରଣରେ ଥି
ଭ୍ରମପ୍ରମାଦମାନ ଯଥା ସମ୍ଭବ ଦୂରକରି ଯାଇଅଛି । ଅନେକ ଅବ୍ୟ
ହାର୍ଯ୍ୟ ଶବ୍ଦମଧ୍ୟ ନୂତନ ଦିଆ ଯାଇଅଛି । ସମସ୍ତ ଶବ୍ଦ ଆଲୋଚ
କରି ପୁସ୍ତକଟି ଆମୂଳ ସଂଶୋଧନ କରାଗଲା । ପାଠକ ସମାଜରେ
ଏହାର ଆଦର ହେଲେ ମୋହର ସେ ଶ୍ରମସାର୍ଥକ ହେବ । ପୁନ
ପ୍ରକାଶ୍ୟ ଏହି ଯେ ମୋହର ଜଣେ ପରମବନ୍ଧୁ ଏହାର ପ୍ରଥମ ମୁଦ୍ର
ଣରେ ଅର୍ଥିକ ସାହାଯ୍ୟ କରିଥିବାରୁ ମୁଁ ତାଙ୍କଠାରେ କୃତଜ୍ଞ ରହିଲି

୧୦।୯।୧୨
କଟକ ।

ଶ୍ରୀ ମୃତ୍ୟୁଞ୍ଜୟ ରଥ ।

Dilyashing Mahapatra
6th class.
P. M. Acad
Kalahandi

## କତିପୟ-ଅଭିମତର ସାରାଂଶ ।

---

(୧)

* * * ଏହା ଦ୍ୱାରା ଉତ୍କଳ ବିଦ୍ୟାଳୟର ଛାତ୍ର ଏବ ଶିକ୍ଷକ ମାନେ ଉପକୃତ ହେବେ ଏହା ମୁ ଯୁକ୍ତକଣ୍ଠରେ କହିପାରେଁ ।

କଟକ } ରାଧାନାଥ ରାୟ
୧୯-୧୦-୧୯୦୧

(୨)

* * ସେ ତାଙ୍କ ଅନୁସନ୍ଧାନର ଫଳ ପ୍ରକାଶ କରି ଶିକ୍ଷକ ଓ ଛାତ୍ର ଉଭୟଙ୍କର ହିତସାଧନ କରି ଅଛନ୍ତି । ମୁଁ ଏ ପୁସ୍ତକରୁ କେତେ ଗୋଟି ଶବ୍ଦ ବିଷୟରେ ନୂତନ ତଥ୍ୟ ଶିଖି ଉପକୃତ ହେଲି ।

କଟକ
୨୮-୧୧-୦୧

ମଧୁସୂଦନ ରାଓ

(୩)

* * * ଏହି ଭଳି ପୁସ୍ତକ ମଧ୍ୟରେ ଏହି ଖଣ୍ଡି ସବୁଠାରୁ ବଡ଼ ଓ ମୋହର ବିଶ୍ୱାସ ସର୍ବୋତ୍କୃଷ୍ଟ । * *

ନରସିଂହପୁର
୨୪-୧୧-୧୯୦୧

ଶ୍ରୀ ଶ୍ୟାମସୁନ୍ଦର ନନ୍ଦ

(୪)

* * ଏହା ବିଦ୍ୟାଳୟସ୍ଥ ଛାତ୍ରମାନଙ୍କ ପକ୍ଷରେ ତଥା ଓଡ଼ିଆଭାଷା ଶିକ୍ଷାର୍ଥୀଙ୍କ ପକ୍ଷରେ ବିଶେଷ ସହାୟ ହେବ । ଏ ପ୍ରକାର ପୁସ୍ତକର ବହୁଳ ପ୍ରଚାର ବାଞ୍ଛନୀୟ ।

ଅଭିରାମ ଭଞ୍ଜ

୧୯୦୧ କଟକ

# ମୂଳଶବ୍ଦ ବୋଧିକା ।

## ଅ

ଅଂଶା — ଅଂଶୁ ବା ଅଂଶକ
ଅଁଳା — ଆମଳକ
ଅକରକସ୍ସ — ଅକର୍କର
ଅକରାନ୍ତ — ଅର୍କକାନ୍ତା
ଅକ୍ଳୁର — ଅକ୍ରୂର
ଅଖ — ଅକ୍ଷ (ଚକ୍ରାଂଶ)
ଅଖା — ଅକ୍ଷ ( କ )
ଅଖିଭୃଙ୍ଗାଯ୍ୟ — ଅକ୍ଷିଭୃଙ୍ଗାଯ୍ୟ
ଅଗ — ଅଗ୍ର
ଅଗଣା — ଅଙ୍ଗଣ
ଅଗର — ଅଗୁରୁ (ଚନ୍ଦନ ବିଃ)
ଅଗସ୍ତ — ଅଗ୍ରପର୍ଣ୍ଣୀ (ବୃକ୍ଷ ବିଃ)
ଅଙ୍ଗରଖା — ଅଙ୍ଗରକ୍ଷକ
ଅଜଣା — ଅଜ୍ଞ
ଅଜାଣତ — ଅଜ୍ଞାତ
ଅଞ୍ଚଳା — ଅଞ୍ଚଳ
ଅଟା — ଅଟ୍ଟ (ଶସ୍ୟଚୂର୍ଣ୍ଣ)
ଅଠଚାଳିଶ — ଅଷ୍ଟଚତ୍ୱାରିଂଶତ୍
ଅଠତିରିଶ — ଅଷ୍ଟତ୍ରିଂଶତ୍
ଅଠଷଠି — ଅଷ୍ଟଷଷ୍ଟି
ଅଠାଇଶ — ଅଷ୍ଟାବିଂଶ
ଅଠାଶୀ — ଅଷ୍ଟାଶୀତି
ଅଢ଼ା — ଆଢ଼ (କ) ପରିମାଣ ବି;
ଅଣକାଳା — ଅନକାଳ (କ)
ଅଣେଖୁଆ — ଅନକ୍ଷୁ(ବୃକ୍ଷବିଃ)
ଅଣା — ଆଣକ
ଅଣେଇବା — ଆ + ନମଧାତୁଜ
ଅଣ୍ଡା — ଅଣ୍ଡ
ଅଣ୍ଡାଳିବା — ଆନ୍ଦୋଳଧାତୁଜ
ଅଣ୍ଡିରା — ଅଣ୍ଡୀର
ଅତଡ଼ା — ଅତଟ
ଅଥୟ — ଅସ୍ଥାୟୀ
ଅଥିରପା — ଅସ୍ଥିରପାଦ
ଅଥାର — ଅବସ୍ତାର (ପର୍ଦ୍ଦା)
ଅଦା — ଆର୍ଦ୍ରକ
ଅଧ — ଅର୍ଦ୍ଧ
ଅଧୁଆ — ଅଧୌତ
ଅନ୍ତ — ଅନ୍ତ୍ର
ଅନ୍ତୁଡ଼ିଶାଳ — ଅନ୍ତସ୍ଥଶାଳ ।
ଅନ୍ଧାର — ଅନ୍ଧକାର

ଅପନ୍ତ୍ରସ୍ତ—ଅପ୍ରାନ୍ତ
ଅପମାରଙ୍ଗ—ଅପାମାର୍ଗ
ଅପା—ଅକ୍କା ? (ଜ୍ୟେଷ୍ଠଭଗିନୀ)
ଅପାଠୁଆ—ଅପାଠକ
ଅଫିମ—ଅ(ହି)ଫେନ
ଅଫୁଟା—ଅସ୍ଫୁଟ
ଅଭାଗା—ଅଭାଗ୍ୟ
ଅଭିଲା } ଅଭିକ (ନିର୍ଲଜ୍ଜ)
ଅଭେକା }
ଅଭ୍ର—ଅଭ୍ରକ
ଅମୁଦା—ଅମୁଦ୍ର
ଅଯା—ଆର୍ଯ୍ୟକ
ଅରଖ—ଅର୍କ
ଅରଗଳ—ଅର୍ଗଳୀ
ଅରଜିବା—ଅର୍ଜ୍ଜ ଧାତୁଜ
ଅରଟ—ଘରଟ୍ଟ ( ସୂତ୍ରଯନ୍ତ୍ର )
ଅରଣା—ଅରଣ୍ୟ
ଅରମା—ଅରମ୍ୟ
ଅର୍ଖିତ—ଅରକ୍ଷିତ
ଅଲଗା—ଅଲଗ୍ନ
ଅଲଗୁଣି—ଆଲମ୍ବନୀ ବା ଅଲଗ୍ନୀ
ଅଲଣା—ଅଲବଣ
ଅଲତା—ଅଲକ୍ତ ( କ )
ଅଲନ୍ଧୁ—ଅଲନ୍ଧୂନ

ଅଲସୁଆ—ଅଲସ
ଅବିଢ଼ଡା—ଅବୋଢ଼ା
ଅବୀର—ଆବୀର ( ଫଗୁ )
ଅବୁଝା—ଅବୋଧ
ଅଶୀ—ଅଶୀତି
ଅସରପା—ଅସ୍ରପା
ଅସର—ଆସାର
ଅସ୍କର—ଅବସ୍କର ( ମଳାଦ )

## ଆ

ଆଂଶୁ—ଅଂଶୁ
ଆଇଁଷ—ଆମିଷ
ଆଉଁଷିବା—ଆ + ମୃଶ ଧାତୁଜ
ଆଉଜିବା—ଆ + ବୃଜ ଧାତୁଜ
ଆଖି—ଅକ୍ଷି
ଆଖିପତା—ଅକ୍ଷିପତ୍ର
ଆଖୁ—ଇକ୍ଷୁ
ଆଖୁଦୋରୁଅ—ଇକ୍ଷୁଦ୍ରବ
ଆଖୁବାଡ଼ି—ଇକ୍ଷୁବାଟିକା
ଆଖେଡ଼ା—ଆଖେଟ
ଆଗ—ଅଗ୍ର
ଆଗଭୁମ—ଅଗ୍ରତର
ଆଗସାର—ଅଗ୍ରସର
ଆଙ୍କୁଶ—ଅଙ୍କୁଶ

ଅଙ୍ଗୁଠି—ଅଙ୍ଗୁଷ୍ଠ *
ଅଙ୍ଗୁଳ—ଅଙ୍ଗୁଳ ( ପରିମାଣ )
ଅଚେଁଇବା—ଅ + ଚମ ଧାତୁଜ
ଅଛା—ଅଚ୍ଛ
ଅଜ୍ଜ—ଅଦ୍ୟ
ଅଞ୍ଜୁଳା / ଅଞ୍ଜୁଳ }—ଅଞ୍ଜଳି
ଅଠ—ଅଷ୍ଟ
ଆଡ଼—ଅରାଳ ( କୁଟିଳ )
ଆଣିବା—ଆ+ନୀ ଧାତୁଜ ।
ଅଣ୍ଟୁ—ଅଷ୍ଠୀବତ୍
ଆଣ୍ଟ—ଆତୃପ୍ୟ
ଆନ—ଅନ୍ୟ
ଆପଣ(ଣା)—ଆତ୍ମନ୍
ଆପୁ—ଆଫୁକ ( ଅଫିମ )
ଆ (ପ)ପୁସ—ଅପ୍ସ
ଅମ୍ବ—ଆମ୍ର
ଆମ୍ବଡ଼ା—ଆମ୍ରାତ
ଅମ୍ବିଳ—ଅମ୍ଳ
ଅମ୍ବିଳା—ଅମ୍ଳା
ଅମ୍ବିଳତି—ଅମ୍ଳପତ୍ରୀ
ଆଈ—ଆର୍ଯ୍ୟକା
ଆରସି—ଆଦର୍ଶ
ଆଲଟ—ଆଲମ୍ବବର୍ତ୍ତି

ଆଳତ—ଆଲକ୍ତ
ଆଳୁ—ଆଲୁକ
ଆଲୁଅ—ଆଲୋକ
ଆବ(ବୋ)ରିବା-ଆ+ବୃ ଧାତୁଜ ।
ଆବୁ—ଅର୍ବୁଦ
ଆଶ୍ରା—ଆଶ୍ରୟ
ଆଦ୍ଧା—ଅର୍ଦ୍ଧ

## ଇ

ଇଙ୍କଡ଼ି—ଲିକ୍ଷଟ
ଇଟା—ଇଷ୍ଟକା
ଇଡ଼ିବା—ବ୍ୟୟପଣାର୍ଥ ଇଲ ଧା;
ଇଲିଶି—ଇଲିଶ ବା ଇଲ୍ଲୀଶ

## ଈ

ଈଷ—ଈଷା (ଲାଙ୍ଗଳଦଣ୍ଡ)

## ଉ

ଉଅଁସ—ଅମାବାସ୍ୟା
ଉଆସ—ବାସ
ଉଇଁବା—ଉତ୍+ଇ ଧାତୁଜ
ଉକୁଣି—ଉତ୍କୁଣ
ଉଖାରିବା—ଉତ୍ + କୃ ଧାତୁଜ
ଉଖୁରିଅ—ଉକ୍ଷୀରକ
ଉଖୁଡ଼ା—ଉତ୍‌ଖଣ୍ଡ (ମିଷ୍ଟଖଦକା)
ଉଗାର—ଉଦ୍ଗାର
ଉଗେଇଁବା—ଉତ୍+ଗମ ଧା;

* ଅର୍ଥର ଟିକିଏ ଅପଭ୍ରଂଶ ହୋଇଅଛି ।

ଉଘାଡ଼ — ଉଦ୍ଘାଟ
ଉଗ୍ଘଟନ — ଉଦ୍ଘାଟନ
ଉଛନ — ଉତ୍ସନ୍ନ ବା ଉଚ୍ଛନ୍ନ
ଉଛବ — ଉତ୍ସବ
ଉଛୁର — ଉତ୍ସୂର
ଉଛୁଳବା — ଉତ୍ + ଶଲ ଧାତୁଜ
ଉଜାଗର — ଉଜ୍ଜାଗର
ଉଜାଡ଼ବା — (ଉତ୍ + ଜଟ ଧା:)
ଉଜା-ଝା-ଳବା -- ଉତ୍ + ଜ୍ୱଳଧା;
ଉଜେଇଁବା — ଉତ୍ + ଯାଧାତୁଜ
ଉଞ୍ଚ — ଉଚ୍ଚ
ଉଞ୍ଚିବା — ଉଞ୍ଚ ଧାତୁଜ
ଉଠାଣ — ଉତ୍ଥାନ
ଉଠିବା — ଉତ୍ + ସ୍ଥା ଧାତୁଜ
ଉଡ଼ିବା — ଉତ୍ + ଡ଼ୀ ଧା; )
ଉଢଆଣି — ଉତ୍ତାନ
ଉଭୁରିବା — ଉତ୍ + ଭୂ ଧା; )
ଉଭୁସ — ଉଦ୍ଭସ୍ମ
ଉଧ — ଉଦ୍ର
ଉଧାର — ଉଦ୍ଧାର
ଉଧେ (ଧା) ଇବା — (ଉର୍ଦ୍ଧ୍ୱ + ଇ ଧା; )
ଉପଜ — ଉପାର୍ଜ୍ଜନ
ଉପାଡ଼ିବା — ଉତ୍ + ପାଟ
ଉପାସ — ଉପବାସ ବା ଉପୋଷ ।

ଉଲସିବା — ଉତ୍ + ଲସ ଧା;
ଉବୁରିବା — 'ଉତ୍ + ବୃତ୍ ଧାତୁଜ
ଉଷୁନା — ଉଷ୍ଣ
ଉଷୁମ — ଉଷ୍ମ
ଉହାଶାଳ — ଉଷାଶାଳା

ଊଣଆଶ — ଊନପଞ୍ଚାଶତ୍
ଊଣଷାଠି — ଊନଷଷ୍ଟି
ଊଣା — ଊନ
ଊଣାଇଶ — ଊନବିଂଶ

## ଏ

ଏକଲ୍ଲ — ଏକଲ [ ଏକାକୀ ]
ଏକା — ଏକାକୀ ବା ଏକକ
ଏକାଠି — ଏକସ୍ଥ
ଏକାନବେ — ଏକନବତି
ଏକାଶୀ — ଏକାଶୀତି
ଏକୁଅ — ଏକାତ୍ମକ
ଏକୋଇଶ — ଏକବିଂଶ
ଏଡା — ଏତଦ୍
ଏତେ — ଇୟତ୍

## ଓ

ଓ — ଓମ୍ [ସ୍ୱୀକାରସୂଚକଅବ୍ୟୟ]
ଓଷର — ଗୋକ୍ଷୀର
ଓଗଳା — ଅର୍ଗଳ

ଓଟ — ଉଷ୍ଟ୍ର
ଓଠ — ଓଷ୍ଠ
ଓଡ଼ — ଓଡ୍ର
ଓଡ଼ଶ — ଉଦ୍ଦଂଶ ବା ଉଡ୍ଡୀଶ
ଓଡ଼ିଆ — ଔଡ୍ର ବା ଓଡ୍ରୀୟ
ଓଡ଼ିଶା — ଓଡ୍ରଦେଶ
ଓଢଣା — ଅବଗୁଣ୍ଠନ
ଓଢା — ଦ୍ୱୋଢା
ଓଢା — ଓଢ [ ଉଢସ୍ୟ ]
ଓଦର — ଉର୍ଦ୍ଦର
[ଧାନ୍ୟାଧାରଭେଦ]
ଓଦା — ଅହ୍ରବାଦ [ ଆର୍ଦ୍ର ]
ଓଲଟିବା — ଅବ + ଲୁଠ ଧା;
ଓଲମ(ମ୍) — ଅବଲମ୍ବ
ଓଳ — ବେଳା
ଓଳ — ବଳୀ [କୂଳପ୍ରାନ୍ତ]
ଓଲୁଅ — ଓଲ [ କନ୍ଦ ବି; ]
ଓଲେଇବା — ଅବ + ଲିପଧାତୁଜ
ଓ-ଷଥ(ସ୍ତ) — ଅଶ୍ୱତ୍ଥ [ ବୃକ୍ଷ ବି; ]
ଓଷା — ଉପୋଷ
ଓହ୍ଲାଳ — ଅବରୋହ

## କ

କଂସା — କଂସ [ କାଂସ୍ୟ ]
କଂସାରି — କଂସକାର
କଅଁଳ — କୋମଳ
କଇଁଚ — କମଠ ବା କଚ୍ଛପ
କଇଥ — କପିତ୍ଥ
କଉ — କବୟୀ ( ମତ୍ସ୍ୟ ବି; )
କଉଡ଼ି — କପର୍ଦ୍ଦୀ (ର୍ଦ୍ଦିକା)
କଉପୀନ — କୋପୀନ
କଖାରୁ — କର୍କାରୁ
କଙ୍କଡ଼ା — କର୍କଟକ
କଙ୍କର — କର୍କର
କଚୁରି — କର୍ଚ୍ଚୁରିକା
କଛୁ — କଚ୍ଛା ବା କକ୍ଷା
କଛୁଟି — କଚ୍ଛୋଟିକା
କଜଳ — କଜ୍ଜଳ (ଅଞ୍ଜନ)
କଜଳପାତି — କଜ୍ଜଳପଣୀ
କଞ୍ଚନ — କାଞ୍ଚନ-କ (ପୁଷ୍ପବୃକ୍ଷ ବି)
କଠଗ୍ର — କଠୋଗ୍ର
କଟାରି — କଟ୍ଟାର
କଟାଣି — କଟ୍ଟାଣ
କଟୁଆଳ — କୋଟ୍ଟପାଳ
କଠାଉ — କାଷ୍ଠପାଦୁ
କଡ଼ା — କଟ୍ଟ
କଡ଼ା — କଳା (ସଂଖ୍ୟା ବି; )
କଡ଼ା — କଟାହ
କଡୁଆ — କଟୁକ
କଡ଼ି — କଳ(କା)

କଣା — କାଣ

କଣ୍ଠା — କଣ୍ଠ ( କ )

କଣ୍ଠି — କଣ୍ଠିକା (କଣ୍ଠାଭରଣ ବି

କଣ୍ଟେଇ — କଣ୍ଟକୀ(କଣ୍ଟକଗୁଲ୍ମ ବି

କଣ୍ଡରା — କାଣ୍ଡୀର

କତୁରୀ — କର୍ତ୍ତରୀ

କନଅର — କରବୀର, କର୍ଣ୍ଣିକାର

କନୌଜ — କନ୍ୟାକୁବ୍ଜ

କନ୍ତାରୀ — କାନ୍ତାରୀ ( ଇକ୍ଷୁ ବି; )

କନ୍ଦର — କନ୍ଦରା

କପା — କର୍ପାସ

କପୁର — କର୍ପୂର

କପୁରୀ — କର୍ପୂରୀ (ହରିଦ୍ରା ବି; )

କମ — କର୍ମ (ଶିଳ୍ପ)

କମାର — କର୍ମକାର ବା କର୍ମାର

କମ୍ପିବା — କମ୍ପ ଧାତୁଜ

କରଞ୍ଜ — କରଞ୍ଜକ

କରଡ଼ି — କରୀର (ବଂଶାଙ୍କୁର )

କରତ — କରପତ୍ର

କରମଙ୍ଗା — କର୍ମରଙ୍ଗ

କରବାଡ଼ — କଙ୍କଟ( ମନୋହର-ଗ୍ରାମ ।

କରାଟ — କରପେଟକ

କରଣ୍ଡ — କର୍ଷ

କ’ଳ — କବଳ (ଗ୍ରାସାର୍ଥକ)

କଳନ୍ତର — କଳାନ୍ତର

କଳମ — କଳମ୍ ( ଶାଳ ବି; )

କଳରା — କାରବେଲ୍ଲକ

କଳା — କାଳ

କଳପୃ — କଳପ୍ରିୟ

କଳପୃର — ଖଲୀନ ?

କବଟା — କପ(ବ)ଟ

କବାଟ — କପା(ବା)ଟ

କଷା — କଷାୟ

କହିବା — କଥ ଧାତୁଜ

କହୁଣି — କଫୋଣି

କାଇଁଚ — କାକଚିଞ୍ଚା

କାଉ — କାକ

କାକୁଡ଼ୀ — କର୍କଟୀ

କାକୋଲ — କକ୍କୋଳ

କାଖ — କକ୍ଷ

କାଙ୍କ — କଙ୍କ (ପକ୍ଷୀ ବି;)

କାଙ୍କ — କଙ୍କମୁଖ (କୃଷ୍ୟସ୍ତ୍ର ବି;)

କାଙ୍କଡ଼ — କର୍କଟ

କାଙ୍କଡ଼ାଶୃଙ୍ଗୀ — କର୍କଟଶୃଙ୍ଗୀ

କାଙ୍ଗୁ — କଙ୍ଗୁ (ଧାନ୍ୟ ବି:)

କାଚରା — କାଚକାର

କାଛୁ — କଚ୍ଛୁ (ଚ୍ଛୁ)

କାଞ୍ଚୁଲ — କଞ୍ଚୁଳିକା, କଞ୍ଚୁଳ

କାଞ୍ଜି — କାଞ୍ଜିକ — କା।

କାଟିବା—କର୍ତ୍ତ ଧା;
କାଠ—କାଷ୍ଠ
କାଠି—କାଷ୍ଠିକା
କାଠିଅକଦଳୀ—କାଷ୍ଠକଦଳୀ
କାଠୂଅ—କାଷ୍ଠବତ୍
କାଠୂଅ—କାଷ୍ଠମୟ (ପାତ୍ର)
କାଣି—କାନନୀ (କନଷ୍ଠାଙ୍ଗୁଳ)
କାଣୀ—କାକଣୀ (ବୋଡ)
କାଣ୍ଠି—କଣ୍ଠ
କାଣ୍ଡିବା—କଣ୍ଡଧାତୁଜ
କାତି—କର୍ତ୍ତ୍ରୀ (ଛୁରିକା ବ;)
କାଦୁଅ—କର୍ଦ୍ଦ-(ମ)
କାନ—କର୍ଣ୍ଣ
କାନଗୁହ—କର୍ଣ୍ଣଗୂଥ
କାନପାଶିଆ—କର୍ଣ୍ଣପାଶ
କାନଫୁଲ—କର୍ଣ୍ଣପୂର
କାନ୍ଥ—କନ୍ଥା
କାନ୍ଥଭୁଦ୍ରି—କନ୍ଥାକ୍ରୋଡ଼
କାନ୍ଧାହାର—ଗାନ୍ଧାର
କାନ୍ଦିବା—କ୍ରନ୍ଦ ଧାତୁଜ
କାନ୍ଧ—ସ୍କନ୍ଧ

କାପ୍ତା—କପୋତ
*କାପେଡ଼ିଆ—କାର୍ପଟିକ (ଭିକ୍ଷୁ ବ;)
କାପଡ଼—କାପଲ (ଗନ୍ଧଦ୍ରବ୍ୟ ବ;)
କାମ—କର୍ମ୍ମ
କାମୁକା—କାର୍ମ୍ମୁକ (କର୍ମ୍ମଦକ୍ଷ)
କାର୍ଷ୍ଣ—କର୍ଷିତ (କୃପଣ)
କାୟ୍ଯ—କାୟ୍ଯ
କାରିଗର—କାରକର
କାଲ—କଲ୍ଲ (ବଧିର)
କାଲି—କଲ୍ୟ
କାଶନ୍ଦ / କଶୁଣ୍ଡି } କାଶମର୍ଦ୍ଦ
କାହାଣ—କାର୍ଷାପଣ
କି—କିମ୍
କିଆ—କେତକ
କିଆର—କେଦାର
କିଛୁ—କିଞ୍ଚିତ୍
କମ୍ଭିର / କୁମ୍ଭିର }—କୁମ୍ଭୀର
କିରକିର—କଲକଳା (ଦୁର୍ଦ୍ଧର୍ଷ)

---

* ଉତ୍କଳର ପ୍ରାଚୀନ ଅଧ୍ୟାତ୍ମିକାପୁସ୍ତକରେ ଏହି ଶବ୍ଦ ଉକ୍ତ ଅର୍ଥରେ ବ୍ୟବହୃତ ହୋଇଅଛି । ସାଧାରଣ ଅର୍ଥ=ବସ୍ତ୍ର-ବ୍ୟବସାୟୀ ।

କୀଳା — କୀଳ(କ)
କୀଳବା—କୀଳ ଧାତୁଜ
କୁଅଁର—କୁମାର
କୁଅତାସ — କାବ୍ୟଭସ୍ମ
କୁଅମଇତା—କାକମାତା
କୁକୁଡ଼ା—କୁକ୍କୁଟ
କୁକୁର—କୁକ୍କୁର
କୁକୁରଷ୍ଠଳଅ—କୁକ୍କୁରଷ୍ଠଦ
କୁଜ (ଜା)—କୁବ୍ଜ
କୁଞ୍ଚି — କୁଞ୍ଚିକା
କୁଞ୍ଚବା—କୁଞ୍ଚ ଧାତୁଜ
କୁଟିବା — କୁଟ୍ଟ ଧାତୁଜ
କୁଟୁଣୀ—କୁଟ୍ଟନୀ
କୁଡ଼ିଆ—କୁଟୀର
କୁଢ଼—କୁଷ୍ଟ (ବୃକ୍ଷ ବି;)
କୁଣ୍ଡିୟୁ—କଣ୍ଡୂୟୁ
କୁଣ୍ଡେଇବା—କଣ୍ଡୂୟ ଧାତୁଜ
କୁଦବା—କୁର୍ଦ ଧାତୁଜ
କୁନ୍ଥାଇବା—କୁନ୍ଥ ଧାତୁଜ
କୁନ୍ଥାଣ—କୁନ୍ଥନ
କୁମ୍ପା—କୂପକ
କୁମ୍ପି—କୂପୀ
କୁମ୍ଭାର—କୁମ୍ଭକାର
କୁରାଢ଼ି }—କୁଠାର
କୁର୍‌ହାଡ଼ }

କୁଲ୍ଥ—କୁଲତ୍ଥ
କୁସୁମ—କୁସୁମ୍ଭ ( ପୁଷ୍ପବୃକ୍ଷ ବି; )
କୁହୁକ—କୁହକ
କୁହୁଡ଼ି — କୁହେଳ, କୁହେଳିକା
କେଉଟ—କେବର୍ତ୍ତ
କେଉଟିଆମୁଥା—କୈବର୍ତ୍ତି-
ମୁସ୍ତକ
କେତେ—କଯ୍ୟତ୍
କେନ୍ଦୁ—କେନ୍ଦୁକ
କେନ୍ଦୁ (ଲ)-କନ୍ଦଳ (ପୁଷ୍ପ ବି;)
କେମ୍ପା—କୁମ୍ପ
କେରେଣ୍ଡା—କୁରୁଣ୍ଡ [କ]
କେଳା—କଶ [ଜାତି]
କୋଇଲି—କୋକିଳ
କୋଇଲେଖା—କୋକିଳାକ୍ଷ
କୋକିଶିଆଳ—କୃଷ୍ଣଶୃଗାଳ
କୋଚଅ — କୁଚକ
କୋଚଲ୍ଲ — କୁଚେଲା (ବୃକ୍ଷ ବି;)
କୋଠା — କୁଷ୍ଠକ [ଅଙ୍କଭେଦ]
କୋଠ — କୋଷ୍ଠ
କୋଠରି — କୋଷ୍ଠାଗାର
କୋଠା — କୋଷ୍ଠ
କୋଠି — କୋଷ୍ଠ [ଧାନ୍ୟାଧାର]
କୋଡ଼ — କ୍ରୋଡ଼
କୋଷୀ — କୋଷ୍ଠୀ [କୁଷ୍ୟସ୍ଥ ବି;]

କୋଡ — କ୍ରୁଡ଼ [ତୈଳାଧାର]
କୋଦାଳ — କୁଦ୍ଦାଳ
କୋଦୁଅ — କୋଦ୍ରବ
କୋରଡ — କୋଟର ବା କ୍ରୋଡ
କୋଳଥ — କୁଳତ୍ଥ
କୋଷ — କ୍ରୋଶ
କୋହଳ — କୋମଳ
କ୍ଷିଅ — କ୍ଷିପ (ସୂକ୍ଷ୍ମାଗ୍ର)
କ୍ଷି(କ୍ଷ)ଅର — କ୍ଷୌର
କ୍ଷିର — କ୍ଷୀରକା
କ୍ଷେତ — କ୍ଷେତ୍ର

## ଖ

ଖଇ — ଖଦ୍ଦିକା
ଖଇର — ଖଦିର
ଖଇରି — ଖଦିରୀ ( ଶାକ ବି; )
ଖଚଡ଼ — ଖଚର
ଖଚୁଅ — ସୂଚକ
ଖଜା — ଖଜକା (ଶର୍କରା)
ଖଜୁରି — ଖର୍ଜ୍ଜୁରୀ [କୋଳ]
ଖଜୁରିପଟି — ଖର୍ଜ୍ଜୁରପଟ୍ଟିକା
ଖଞ୍ଜିବା — ଖଚ ଧାତୁଜ
ଖଟ — ଖଟ୍ୱା
ଖଟିଅ — ଖଟ୍ଟିକା
ଖଡା — ଖଡ [ଶାକ ବି;]
ଖଡି — ଖଟ୍ଟୀ
ଖଡୁ — କୂଟ
ଖଣିତା — ଖନ୍ତ୍ରା
ଖଣିଡ଼ — ଖନକ
ଖଣି — ଖନି [ନୀ]
ଖଣ୍ଡା — ଖଡ୍ଗ
ଖପର — ଖର୍ପର [ଉପଧାତୁ ବି;]
ଖପରି — ଖର୍ପରି
ଖପୁରି--କ-ଖ-ର୍ପରିକା (କପାଳ)
ଖପ୍ରି — କ୍ଷିପ୍ର
ଖମ୍ବ — ସ୍ତମ୍ଭ
ଖରା — ଖର
ଖଲି — ଖଲ୍ଲି
ଖଳା — ଖଳ
ଖଳିବା — [ ଖଲ୍ଲ ଧା; ]
ଖସା — ଖସ [ତିଳ]
ଖସିବା — ସ୍ଖଳ ଧାତୁଜ
ଖାଇ — ଖେୟ
ଖାଇବା — ଖାଦ ଧାତୁଜ
କ୍ଷାର — କ୍ଷାର
ଖାଲି — ଖଲ୍ଲ
ଖିଡ଼କି — ଖଡକ୍କୀ
ଖିଲ — କୀଲ
ଖୀର — କ୍ଷୀର [ବୃକ୍ଷନିର୍ଯ୍ୟାସ]
ଖୁଆ — କ୍ଷୁବ୍ଧ (ଦଧିମନ୍ଥନ ଦଣ୍ଡ)।

ଖୁଣ୍ଟା — କ୍ଷୁଣ୍ଟକ
ଖୁଡୁତା — ଖୁଲ୍ଲତାତ
ଖୁଣ — କ୍ଷୁଣ୍ଣ
ଖୁଣ୍ଟ [ଣ୍ଟା] — କୁନ୍ତ
ଖୁଦ — କ୍ଷୋଦ
ଖୁଦର — କ୍ଷୁଦ୍ର
ଖୁର — କ୍ଷୁର
ଖୁରଙ୍ଗ — କୁରଙ୍ଗ
ଖୁର୍ସି — ଖୁର
ଖୁରୁପା [ପ] — ଖୁ [କ୍ଷୁ] ରପ୍ର
ଖେଚଡି — ଖେଚରାନ୍ନ
ଖେପିବା — କ୍ଷିପ ଧାତୁଜ
ଖେଳ — ଖେଳା
ଖେଳବା — ଖେଳ ଧାତୁଜ
ଖେଳନା — ଖେଳନକ
ଖୋଦନ — କ୍ଷୋଦନ
ଖୋଲ୍ — ଖଲ୍ଲ
ଖୋଳ
ଖୋଳପା } ଖୋଲକ [ବଲ୍କଲ]
ଖୋଳ
ଖୋଷା — କୋଷ

## ଗ

ଗଇଷ — ଗବେଷକ
ଗଙ୍ଗଶିଉଳୀ — ଗାଙ୍ଗଶେଫାଲୀ
ଗଛ — ଗଚ୍ଛ
ଗଞ୍ଜଣା — ଗଞ୍ଜନା
ଗଞ୍ଜେଇ — ଗଞ୍ଜିକା
ଗଡ଼ା — ଗଡ୍ଡ
ଗଡ଼ଷା — ଗଡ୍ଡୋଶାପ୍ସ
ଗଡୁ — ଗଡ୍ଡୁକ
ଗଡେଉଇ — ଗଡ଼କ (ମତ୍ସ୍ୟ ବି;)
ଗଢ଼ିବା — ଗଠଧାତୁଜ
ଗଣିବା — ଗଣଧାତୁଜ
ଗଣ୍ଠି — ଗ୍ରନ୍ଥି
ଗଣ୍ଠିଅନା — ଗ୍ରନ୍ଥିପର୍ଣ୍ଣୀ
ଗଣ୍ଡ — ଗୋଣ୍ଡ (ମାଚକାଛ ବି;)
ଗଣ୍ଡା — ଗଣ୍ଡକ (ସଂଖ୍ୟାଭେଦ)
ଗଦ — ଅଗଦ (ଔଷଧ ବି;)
ଗଧ — ଗର୍ଦ୍ଦଭ
ଗପ — ଗଳ୍ପ
ଗପିବା — ଜଳ୍ପଧାତୁଜ
ଗଭା — ଗର୍ଭକ
ଗମ୍ଭିର — ଗର୍ଭାଗାର
ଗମ୍ବୁଳ — ଗବଳ (ପଶୁ ବି;)
ଗରଗଡ଼ — ଗବେଡୁ
ଗରମ — ଘର୍ମ୍ମ
ଗସ୍ତ — ଗର୍ଗସ୍ତ
ଗରୁ — ଗୁରୁ

ଗରୁଅ—ଗୁରୁକ
ଗଳାଇବା – ଗାଳ ଧାତୁଜ
ଗଳବା—ଗଳଧାତୁଜ
ଗହଣ – ଗହନ
ଗହମ – ଗୋଧୂମ
ଗହଡ଼ା } -ଗହ୍ୱର
ଗହ୍ୱର }
ଗମ୍ଭାର—ଗମ୍ଭାରୀ (ଦ୍ରୁମବ)
ଗାଁ – ଗ୍ରାମ
ଗାଇବା – ଗୈଧାତୁଜ
ଗାଈ – ଗବୀ
ଗାଗର – ଗର୍ଗର ( ମତ୍ସ୍ୟ ବିଃ )
ଗାଡ଼ – ଗଡ଼ (ଗର୍ତ୍ତ)
ଗାତ – ଗର୍ତ୍ତ
ଗାଧୋଇବା – ଗାତ୍ର + ଧାବ ଧାଃ
ଗାମୁଛା,ଗାମୋଛା – ଗାତ୍ରପ୍ରୋଞ୍ଛନୀ
ଗାରଡ଼ – ଗହ୍ୱର
ଗାଲ – ଗଲ୍ଲ
ଗିଳା – ଗିଳ(କ)
ଗିଳବା – ଗିଲ ଧାଃ
ଗୁଆ – ଗୁବାକ
ଗୁଆଘିଅ – ଗବ୍ୟଘୃତ
ଗୁଅଳ – ଗୁହାଳୟ୍ୟ (ଲତା ବିଃ)
ଗୁଡୁଚକ୍ – ଗୁଡଚକ୍

ଗୁଁଣ – ଘୂଣ [କୀଟ ବିଃ]
ଗୁଣାଣ – ଗୁଣନ
ଗୁଣ୍ଡା – ଗୁଣ୍ଡକ (ଚୂର୍ଣ୍ଣ)
ଗୁଣ୍ଡି – ଗୁଣ୍ଡିକା
ଗୁନ୍ଥିବା – ଗ୍ରନ୍ଥ ଧାଃ
ଗୁଦୁରେଇବା-ମିଥ୍ୟାର୍ଥକଗୁଦ୍ ଧାଃ
ଗୁରୁସ୍ତ – ଗୃହସ୍ଥ
ଗୁଲୁଚ – ଗୁଡୂଚୀ
ଗୁହ ଗୂଥ
ଗୁହାଳ---ଗବାଳୟ ବା ଗୋଶାଳୀ
ଗେଣ୍ଡା – ଗଣ୍ଡୂ(କ)
ଗେଣ୍ଡୁ – ଗେଣ୍ଡୁକ(ପୁଷ୍ପ ବିଃ)
ଗେରୁ(ଅ) – ଗୈରକ
ଗୋଇ – ଗୁହ୍ୟ
ଗୋଇଠି – ଘୃଷ୍ଟୀ
ଗୋଈ – ଗୋପୀ
ଗୋକୁଲ – ଗୁଗ୍ଗୁଲ
ଗୋଖୁରା – ଗୋକ୍ଷୁର (ବୃକ୍ଷ ବିଃ)
ଗୋଚନା } -ଗୋରୋଚନା
ଗୋରଚନା }
ଗୋଛ – ଗୁଚ୍ଛକ
ଗୁଜରାଟ – ଗୁର୍ଜ୍ଜର (ଦେଶ)
ଗୋଠ – ଗୋଷ୍ଠ
ଗୋଠୀ – ଗୋଷ୍ଠୀ

ଗୁଜରାଟ — ଗୁର୍ଜର (ଦେଶ)
ଗୋଠ — ଗୋଷ୍ଠ
ଗୋଠୀ — ଗୋଷ୍ଠୀ
ଗୋଧି — ଗୋଧିକା
ଗୋରା — ଗୌର
ଗୋଲ — ଗୋଲ(କ)
ଗୋଲି — ଗୋଲା ବା ଗୁଳିକା
ଗୋବରଛତୁ — ଗୋମୟଛତ୍ର
ଗୋସାଇଁ — ଗୋସ୍ୱାମୀ
ଗୌଣୀ — ଗୋଣୀ

## ଘ

ଘଟଣା — ଘଟନା
ଘଟିବା — ଘଟ୍ଧାତୁଜ
ଘଡ଼ି — ଘଟିକା (କାଳପରିମାଣ)
ଘଡ଼ି — ଘଟୀ
ଘଣ୍ଟ — ଘଣ୍ଟା
ଘଣ୍ଟି — ଘଣ୍ଟିକା (କ୍ଷୁଦ୍ରଘଣ୍ଟା)
ଘମିର — ଘର୍ମଚର୍ଚ୍ଚିକା ?
ଘରଚଟିଆ — ଗୃହଚଟକ
ଘରଣୀ — ଗୃହିଣୀ
ଘଷା — ଘର୍ଷ
ଘଷିବା — ଘୃଷ ଧାତୁଜ
ଘାଆ — ଘାତ
ଘାଟ — ଘଟ୍ଟ
ଘାଣ୍ଟ — ଘଣ୍ଟ
ଘାଣ୍ଟଭିଅଣ — ଘଣ୍ଟଭେମନ
ଘାଣ୍ଟିବା — ଘଣ୍ଟ ଧା;
ଘିଅ — ଘୃତ
ଘିକୁଆଁରି — ଘୃତକୁମାରୀ
ଘୂରିବା — ଘୂର୍ଣ୍ଣ ଧାତୁଜ
ଘୁଷୁରି — ଘୃଷ୍ଟି
ଘେନିବା — ଗ୍ରହ ବା ପ୍ରାକୃତ 'ଗେହ୍ଣ' ଧାତୁଜ ।
ଘୋଟିବା — ଘୁଟ ଧାତୁଜ
ଘୋଡ଼ା — ଘୋଟକ

## ଚ

ଚଅଁର — ଚମର (ଗୃମର)
ଚଉଁରି — ଚମରୀ
ଚଉକ — ଚତୁଷ୍କ
ଚଉକା / ଚୂଆ } ଚତୁଷ୍କ [କ୍ଷୁଦ୍ରଜଳାଶୟ]
ଚଉକି — ଚତୁଷ୍କୀ
ଚଉଠ / ଚଉଠା } — ଚତୁର୍ଥ
ଚଉଠି — ଚତୁର୍ଥୀ
ଚଉତରା — ଚତ୍ୱର

ଚଉତିରିଶ—ଚତୁସ୍ତ୍ରିଂଶତ୍
ଚଉତିଶା—ଚତୁସ୍ତ୍ରିଂଶକ
ଚଉଦ—ଚତୁର୍ଦ୍ଦଶ
(ପ୍ରା;-ଚୌଦ୍ଦହ)
ଚଉଦିଗ—ଚତୁର୍ଦ୍ଦିକ୍
ଚଉଦୋଳ—ଚତୁର୍ଦ୍ଦୋଳ
ଚଉଧୂଳି—ଚତୁର୍ଦ୍ଧୂଳି
ଚଉପଦୀ—ଚତୁଷ୍ପଦୀ
ଚଉପାଢ଼ୀ—ଚତୁଷ୍ପାଠୀ
ଚଉପାଶ—ଚତୁଃପାର୍ଶ୍ୱ
ଚଉରି—ଚତ୍ୱର
ଚଉଷଠି—ଚତୁଃଷଷ୍ଠି
ଚଉସମ—ଚତୁଃସମ (ଔଷଧ ବି;)
ଚକ—ଚକ୍ର
ଚକଡ଼ା—ଚକ୍ର (ଭୂମିଖଣ୍ଡ)
ଚକା }
ଚକ } —ଚକ୍ର
ଚକୁଆ—ଚକ୍ରବାକ ବା ଚକ୍ର
ଚକୁଳୀ—ଶଷ୍କୁଳୀ
ଚକୋର—ବକ୍ରବାଙ୍ଗୀ
ଚଗଲା—ଜଗଲ (ଧୂର୍ତ୍ତ)
ଚଚ୍ଚିବା—ଚର୍ଚ୍ଚ ଧାତୁଜ
ଚଟ୍ପଟି—ଚର୍ମପଟ୍ଟିକା
ଚଟିଆ—ଚଟିକା
ଚଟୁ—ଛର୍ଦ୍ଦୁ

ଚଟେଇ—ଚଟ୍ଟ (ତୃଣାସନ)
ଚଢ଼େଇ—ଚଟକ (ପକ୍ଷୀ)
ଚଣା—ଚଣକ
ଚନ୍ଦ୍ରିକା—ଚନ୍ଦ୍ରକା [ମୟୂରଚୂଡ଼ା]
ଚନ୍ଦ—ଚନ୍ଦନ
ଚପିବା—ସାନ୍ତ୍ୱନାର୍ଥ ଚପଧା;
ଚମ—ଚର୍ମ
ଚମକିବା—ଚମତ୍ + କୃ ଧାତୁଜ
ଚମଦଳା—ଚର୍ମଦଳ (ରୋଗ ବି;)
ଚମାର—ଚର୍ମାର
ଚମ୍ପଟ୍—ଗତ୍ୟର୍ଥ ଚପ ଧାତୁଜ
ଚମ୍ପତି—ଚମୂପତି
ଚମ୍ପା—ଚମ୍ପକ
ଚଲକା }
ଚଲା } ଚୁଲୁକ (ହସ୍ତକୋଷ)
ଚଳିବା—ଚଳ ଧାତୁଜ
ଚବିଶ—ଚତୁର୍ବିଂଶ(ତି)
ଚଷିବା—କୃଷ ଧାତୁଜ
ଚଷୁ—ଭୁଷ
ଚାଉଳ—ତଣ୍ଡୁଳ
ଚାକୁଣ୍ଡା—ଚକ୍ରମର୍ଦ୍ଦ
ଚାଖଣା—ଚଷଣ
ଚାଖିବା—ଚଷ ଧାତୁଜ
ଚାଚେରୀ—ଚର୍ଚ୍ଚରୀ (କ୍ରୀଡ଼ା ବି;)
ଚାଞ୍ଚ—ଚଞ୍ଚା

ଚାଖିବା—(ଚକ୍ଷ ଧା;)
ଚାଟ—ଚଟ୍ଟ
ଚାଟଗାଁ—ଚଟ୍ଟଗ୍ରାମ
ଚାତର—ଚାତୁର୍ଯ୍ୟ
ଚାନ୍ଦ—ଚନ୍ଦ୍ର
ଚାନ୍ଦନୀ—ଚାନ୍ଦ୍ରୀ (ଜ୍ୟୋତ୍ସ୍ନା)
ଚାନ୍ଦା—ଚନ୍ଦ୍ରକା (ମତ୍ସ୍ୟ ବି;)
ଚାନ୍ଦୁଆ—ଚନ୍ଦ୍ରା (ଚନ୍ଦ୍ରାତପ)
ଚାପୁଡ଼(ଡ଼ା)—ଚପଟ
ଚାପସର—ଚମ୍ପକସର
ଚାମୁଣ୍ଡା—ଚର୍ମମୁଣ୍ଡା (ଦେବୀ ବି;
ଚାମଚ—ଚମସ (ପାତ୍ର ବି;) *
ଚାର—ଚର (ଦୂତ)
ଚାଲିବା—ଚାଲ ଧାତୁଜ ।
ଚାଲୁଣୀ—ଚାଲନୀ
ଚାହିଁବା—ଚାକ୍ଷୁ ଧାତୁଜ
ଚିକଣ—ଚିକ୍କଣ
ଚିକଟା—ଚିକ୍କଲ (ମୃତ୍ତିକା ବି;)
ଚିଙ୍ଗୁଡ଼ି—ଚିଙ୍ଗଟ (ଡ଼ି)
ଚିଠାଉ—ଚିତ୍ରଲେଖ୍ୟ
ଚିଡ଼ା—ଚିଣ୍ଡ (କୋମନ)
ଚିଣେସିନ୍ଦୁର—ଚୀନସିନ୍ଦୁର
ଚିତଳ—ଚିତ୍ରଳ (ମତ୍ସ୍ୟ ବି;)

ଚିହ୍ନା—ଚିହ୍ନ
ଚିତା—ଚିତ୍ରକ (ବୃକ୍ଷ ବି;)
ଚିତସାପ—ଚିତ୍ରସର୍ପ
ଚିତୋ(ତ)ଉ—ଚିତ୍ରଗୁ
ଚିନା—ଚୀନ (ଶସ୍ୟ ବି;)
ଚିର—ଚୀର
ଚିର(ରେ)ଇତା—ଚିରତିକ୍ତ
ଚିରୁ(ର)ଗୁଣୀ—ଚୀରକୁଣୀ
ଚିଲ—ଚିଲ୍ଲ
ଚୁଟି—ଚୁଟିକା
ଚୁଡ଼ା—ଚିପଟକ
ଚୁଡ଼ି—ଚୁଡ଼ା [କସ୍ତଭରଣ]
ଚୁପ ଚୁପ— (ମନ୍ଦଶବ୍ଦାର୍ଥକ ଚୁପ ଧାତୁଜ)
ଚୁମା—ଚୁମ୍ବ
ଚୁମ୍ବିବା—ଚୁମ୍ବ ଧାତୁଜ
ଚୁଲ—ଚୁଲା [ଡ଼ା]
ଚୁଲି—ଚୁଲ୍ଲୀ
ଚୁଷିବା—ଚୁଷ ଧା
ଚୁନ—ଚୂର୍ଣ୍ଣ
ଚୁନରା—ଚୂର୍ଣ୍ଣକାର
ଚୁନା—ଚୂର୍ଣ୍ଣକ
ଚୁନେଇବା—ଚୂର୍ଣ୍ଣ ଧାତୁଜ

---

*ପୂର୍ବେ ଆଧୁନିକ "ଚାମଚ"ଆକୃତିର କାଷ୍ଠନିର୍ମିତ ପାତ୍ର ସୋମ ରସ ପାନରେ ବ୍ୟବହୃତ ହେଉଥିଲା ।

ଚୂରିବା — ଚୂର୍ ଧା

ଚେଢ଼ିବା — ଚଢ଼ ଧା;

ଚେପେଟା — ଚପେଟ

ଚେମିଣି<br>(ଚମଚଷ୍ଟା) } — ଚର୍ମଚଟିକା

ଚଇତପୋ — ଚେଙ୍ଗୀପୁଷ

ଚେଲ୍ଲ — ଚେଲ

ଚୈତ — ଚୈତ୍ର

ଚୌପା — ଚୌଷ୍ପ

ଚୌର — ଚୋର

ଚୌସ୍ତ — ଚୂସ୍ତ ବା ଚୌରସ

ଚୌର — ଚୌଷକା ବା ଚୌରି

ଚୌବେଇବା — ଚର୍ବ ଧାତୁଜ

ଚୌଷିବା — ଚୂଷ ଧାତୁଜ

ଚୌକ — ଚତୁଷ୍କ

ଚୌକାଠ — ଚତୁଷ୍କାଷ୍ଠ

ଚୌଥ — ଚତୁର୍ଥ (ଚତୁର୍ଥାଂଶ)

ଚୌରସ — ଚତୁରସ୍ର

ଚୌସ୍ଖୋଇ — ଚତୁର୍ନବତି

ଚୌରାଶୀ — ଚତୁରଶୀତି

## ଛ

ଛଅ — ଷଟ୍ ବା ଷଷ୍

ଛଅର — ଷୌର

ଛଇ — ଛବି

ଛଇଳ — ଛବିଳ

ଛଡ଼ — ଷଣ୍ଢ

ଛଞ୍ଚା — ସଞ୍ଚୟ

ଛଞ୍ଚିବା — ସମ୍ + ଚି ଧା;

ଛଟକ — ଛଟା

ଛଣ — ଶଣ

ଛଣି — ଶାଣି

ଛତର — ଷଣ୍ଡ

ଛତ୍ରୁ — ଛିଦ୍ରର (ଧୂର୍ତ୍ତ)

ଛତା — ଛତ୍ର

ଛତାଉସ୍ତ — ଶତାବସ୍ତ

ଛଢ — ଛଦ୍ମ

ଛଢ଼ଅନା — ସପ୍ତପର୍ଣ୍ଣୀ

ଛତୁ — ଶକ୍ତୁ (ଶସ୍ୟଚୂର୍ଣ୍ଣ)

ଛତୁ — ଛତ୍ରିକା

ଛନ — ଛନ୍ନ

ଛନ୍ଦଣା — ଛନ୍ଦନ

ଛନ୍ଦିବା — ଛନ୍ଦ ଧାତୁଜ

ଛଳେଇବା — (ଛଳ ଧା;)

ଛଷଠି — ଷଟ୍‌ଷଷ୍ଟି

ଛୁଆଣୀ<br>ଛୁଇଁଣି } — ଛେଦନ

ଛୁଇ — ଛୁପ୍ତା

ଛୁଇଁବା — ଛୁଦ ଧା;

ଛୁଚ — ସୀତା (ଶର୍କରା)

ଛିଷ୍ଟ — ସୃଷ୍ଟ
ଛଭ — ଛଦ୍ମ
ଛନ୍ଦ — ଛନ୍ଦଃ
ଛମୁ — ସାମ୍ମୁଖ୍ୟ *
ଛମୁଣ୍ଡିଆ — ଛାୟାମଣ୍ଡପିକା
ଛମୁଦାନ୍ତ — ସମ୍ମୁଖଦନ୍ତ
ଛୟେଂ — ସ୍ୱୟଂ
ଛର — କ୍ଷାର ବା ଅସାର
ଛଲ — ଛଲ୍ଲି ବା ଖଲ୍ଲି (ବଲ୍କଲ ବା ଚର୍ମ)
ଛିଅ — ଷିପ୍ରା
ଛୁଅଁଇବା — ଷି ଧାତୁଜ
ଛିକାର — ଧିକ୍କାର
ଛିଙ୍କ — ଛିକ୍କା
ଛିଙ୍କିବା — ଛିକ୍କ ଧା;
ଛିଞ୍ଚିବା — ସିଚ୍(ଶ୍)ଧାତୁଜ
ଛିଣ୍ଡା — ଛିନ୍ନ
ଛିଣ୍ଡାଇବା — ଛିଦ୍(ନ)ଧା;
ଛିଣ୍ଡ ଲୀ — ଷଣ୍ଡାଲୀ
ଛୁଆ — ଶାବ
ଛୁଇଁବା — ଛୁପ ଧା;
ଛୁଚୁନ୍ଦ୍ରା — ଛୁଚ୍ଛୁନ୍ଦରୀ
ଛୁଞ୍ଚ — ସୂଚ
ଛୁଞ୍ଚକଅ — ସୂଚକ
ଛୁର — ଛୁ ( କ୍ଷୁ ) ରିକା
ଛେଉଣ୍ଡ — ଛେମୁଣ୍ଡ (ମାତୃପିତୃହୀନ)
ଛେଭା — ଶ୍ୱେତ
ଛେପ — କ୍ଷେପ
ଛେଲ — ଶଲ୍ଲ (ଶେଲ)
ଛେଳ — (ଛେଲ୍ଲକ)ଛାଗଲ
ଛେଳି — ଛଲ୍ଲି (ବଲ୍କଲ)
ଛୋଠା — ଖୋର ?

## ଜ

ଜଉ — ଜତୁ
ଜଂଗଲ — ଜଂଗଲ
ଜଂଗଲି — ଜାଂଗଲିକ (ଲୀ)
ଜଘ — ଜଘା
ଜଟ — ଜଟା
ଜଣ — ଜନ
ଜଣେ — ଜନୈକ
ଜପାମାଳି — ଜପମାଳିକା
ଜପିବା — ଜପ ଧାତୁଜ
ଜମ୍ବିଲ — ଜମ୍ବୀର
ଜର — ଜ୍ୱର
ଜରଜାତକା — ଜାରଜାତ
ଜରିବା — ଜୃ ଧା;

* ପ୍ରାକୃତରେ "ସାମୁହ"; ସମ୍ଭବତଃ 'ସାମୁହ'ରୁ ଛମୁ ହୋଇଅଛି ।

ଜଳା—ଜାଲ (କ୍ଷୁଦ୍ର)
ଜଳାପଞ୍ଜର—ଜାଲପିଞ୍ଜର
ଜଳିବା—ଜ୍ୱଲଧାତୁଜ
ଜହ୍ନ—ଜ୍ୟୋସ୍ନ+(ପ୍ରା: ଜୋ.ହ୍ନା)
ଜହ୍ନି – ଜ୍ୟୋସ୍ନୀ (ପ୍ରା; ଜୋହ୍ନୀ)
ଜାଇ—ଜାତି
ଜାଇତ୍ରି—ଜାତିପତ୍ରୀ
ଜାଇଫଳ – ଜାତିଫଳ
ଜାଗିବା – ଜାଗୃ ଧା;
ଜାଠିମଧୁ – ଯଷ୍ଟିମଧୁ
ଜାଡ଼ – ଜାଡ୍ୟ
ଜାଣିବା – ଜ୍ଞା ଧାତୁଜ
ଜାଦୁ – ଧ(ଦ)ର୍ଦ୍ରୁ
ଜାମୁ – ଜମ୍ବୁ
ଜାଳ—ଜ୍ୱାଲ (କାଷ୍ଠାଦ)
ଜାଲିଆ – ଜାଲିକ
ଜାଲିକବାଟି – ଜାଲକପାଟ
ଜାଲିଚଟୁ – ଜାଲଚର୍ଦ୍ଦୁ
ଜିଆନାଡ – ଜ୍ୟାଲତା
ଜିଣା – ଜିନ (ଈଶ୍ୱର)
ଜିଣିବା – ଜି ଧା;
ଜିଭ – ଜିହ୍ୱା
ଜୀଅନ୍ତା – ଜୀବନ୍ତ (ନ୍ତ)
ଜୀଇବା – ଜୀବ ଧା;
ଜୀଅ – ଜୀବ(କ)

ଜୁଆ – ଦ୍ୟୁତ
ଜୁଆଁଇ – ଜାମାତୃ
ଜୁଆଚୋର – ଦ୍ୟୁତଚୌର
ଜୁଣୀ – ଜୁର୍ଣ୍ଣି (ତୃଣ ବି;)
ଜୁଡ଼ା – ଜୁଟକ
ଜେଠା – ଜ୍ୟେଷ୍ଠ
ଜେଠାଇ – ଜ୍ୟେଷ୍ଠମାତୃ
ଜେଡ଼ଶାଶୁ – ଜ୍ୟେଷ୍ଠଶ୍ୱଶ୍ରୂ
ଜେଠୁତା – ଜ୍ୟେଷ୍ଠତାତ
ଜେତା – ଜିତ (ଜୟଶୀଳ)
ଜେମା – ଜାମି
ଜୋକ – ଜଳୌକସ୍
ଜୋଳା – ଜ୍ୱାଳା (ଦାହ)

## ଝ

ଝଟେ – ଝଟା (ଶୀଘ୍ର)
ଝଟେଇ – ଝଟିତି
ଝଡ଼ – ଝଟିକା
ଝାଉଁ – ଝାବୁ (ବୃକ୍ଷ ବି;)
ଝାଞ୍ଜ – ଝର୍ଝର (ବାଦ୍ୟ ବି;)
ଝାଟି – ଝଟି
ଝାଟିମାଟି – ଯଷ୍ଟିମୃତ୍ତିକା
ଝାଡ଼ – ଝାଟ (କାନ୍ତାର)
ଝାଡ଼ିବା – ଝଟ ଧାତୁଜ
ଝାଡୁ (ଅ) – ଝାଟୁକ (ମାର୍ଜନୀ)

ଝାମା — ଝାମକ

ଝାମ୍ପ — ଝମ୍ପ

ଝାମ୍ପିବା — ଝମ୍ପ ଧା;

ଝାଳ — ଝଲ୍ଲର (ସ୍ୱେଦ)

ଝାସ — ଝଷ (ଛାପ)

ଝାଷିବା — ଝଷ ଧା;

ଝିଅ }<br>ଝୁଅ } — ଦୁହିତା

ଝିଣ୍ଟିପେଟି — ଝିଣ୍ଟିକା ବା ଝିଣ୍ଟୀ

ଝିନ — ଚୀନ

ଝୁଣା — ଟୂନକ

ଝୁଣ୍ଟା — ଝୁଣ୍ଟ (ଅକାଣ୍ଡ ବୃକ୍ଷ)

ଝୁମ୍ପ — ଧୂର୍ ବା ଧୂମ୍ପ (ଯାନାଙ୍ଗ)

ଝୁରିବା — ଝୃ ଧାତୁଜ

ଝୁଲଣ — ଦୋଳନ

ଝୁଲ — ଦୋଳ (ଳୀ)

ଝୁଲିବା — ଦୁଲ ଧାତୁଜ

ଝୋଥ (ବା) — ଦୋଦ୍ଧ(ପାଦ)

## ଟ

ଟଗର — ତଗର

ଟଙ୍କା — ଟଙ୍କ

ଟଙ୍କାଶାଳ — ଟଙ୍କଶାଳା

ଟଳିବା — ଟଳ ଧା;

ଟସର — ତ (ତ୍ର)ସର

ଟାଙ୍କ — ଟଙ୍କ (ଜଙ୍ଘା)

ଟାଙ୍ଗଣା — ଟଙ୍ଗ(ଙ୍କ)ନ

ଟାଙ୍ଗି — ଟଙ୍କ

ଟାଙ୍ଗିଆ — ଟ(ଙ୍କ)ଙ୍ଗ (ଶିଳା-ଭେଦନାସ୍ତ୍ର)

ଟାଙ୍ଗିବା — ଟଙ୍କ ଧା;

ଟାଣ — ତାନ (ଦମ୍ଭ)

ଟାଣିବା — ତନ ଧା;

ଟିକଲ — ଟୀକା

ଟିପଣୀ — ଟିପ୍ପନୀ (ଟୀକା)

ଟିପାଇ — ତ୍ରିପଦୀ

ଟିମ — ଡିମ୍ବ (ଶିଶୁ)

ଟେଙ୍ଗୋଇ — ଟିଟ୍ଟିଭ

ଟେସ — ଟେରକ (କେକର)

ଟୋକା — ତୋକ

## ଠ

ଠଣା }<br>ଠାଆ } - ସ୍ଥାନ

ଠାକୁର — ଠକ୍କୁର

ଠାଣି — ସ୍ଥାନ

ଠାପୁଅ — ସ୍ଥାପକ

ଠାସକ — ସ୍ଥାସକ

ଠିଆ — ସ୍ଥିତ

ଠିକ }
ଠିକା } - ଷ୍ଠୀକା

ଠୂଳ — ସ୍ଥୂଳ

## ଡ

ଡ଼ଙ୍କୁଣୀ — ଡ଼ାକିନୀ

ଡମ୍ବରୁ — ଡ଼ମରୁ

ଡ଼ର — ଦର

ଡାଆଁଣୀ — ଡ଼ାକିନୀ

ଡ଼ାଉଁଶ — ଦଂଶ

ଡ଼ାମଣ୍ଡକାଉ — ଦଣ୍ଡ(ଦ୍ରୋଣ)କାକ

ଡ଼ାଳ — ଦାଳ

ଡ଼ାଳଚିନି — ଦାଳଚୀର୍ଣ୍ଣିକ

ଡ଼ାଲ୍ଲ — ଡ଼ଲ୍ଲକ

ଡାଲି — ଦାଳ (ଲୀ)

ଡ଼ାଳମନ୍ତୁ — ଦାଳମଧୁ

ଡ଼ାଳିମ୍ବ — ଦାଡ଼ି(ଳି)ମ୍ବ

ଡାହାଣ — ଦକ୍ଷିଣ

ଡ଼ାହୁକ — ଦାତ୍ୟୁହକ

ଡିଙ୍ଗା — ଦଙ୍ଗ (ଲକ୍ଷଣ)

ଡିମ — ଡିମ୍ବ

ଡିମ୍ବିରି — ଉଡୁମ୍ବର

ଡେଙ୍ଗୁରା — ଡି(ଦି)ଣ୍ଡିର

ଡ଼ୋର — ଡ଼ୋର (କ)

ଡୋଳି — କଣ୍ଡୋଳ

## ଢ

ଢମ — ଦମ୍ଭ

ଢମଣା — ଧର୍ମଣ (ସର୍ପ ବି;)

ଢିପ — ଦ୍ୱୀପ

ଢ଼ୁକିବା — ଢୌକ ଧାତୁଜ

ଢୋଲ — ଢୋଲକ

## ତ

ତକେଇବା — ତର୍କ ଧାତୁଜ

ତଛଣ — ତକ୍ଷଣ

ତଡ଼ାଇବା — ତଡ଼ ଧା;

ତଣ୍ଡ — ଦଣ୍ଡ

ତନ୍ତ — ତନ୍ତ୍ର

ତନ୍ତଶାଳ — ତନ୍ତ୍ରଶାଳା

ତନ୍ତୀ — ତନ୍ତ୍ରୀ

ତମାଖୁ — ତାମ୍ରକୂଟ

ତମ୍ବା — ତାମ୍ର [ମ୍ର]

ତମ୍ବାପଟା — ତାମ୍ରପଟ୍ଟ

ତରଛ — ତାକ୍ଷ

ତରଭୁଜ — ତରମୁଜ

ତସ — ତାସ

ତସର — ତାସରବର୍ଣ୍ଣ

ତସ୍ଟିବା — ତାସ + ବୃତ୍ ଧା;

ତରିବା — ତୃ ଧା;

ଥଳପା — ତଳପାଦ
ଥଲେଇ — ଥଳାଗୀ
ଥଷୁ — ତୁଷ
ତସର — ତ୍ରସର
ଥାଓଅ — ଥପ୍ରକ
ଥାକୁଡ — ଥକୁର୍ଠୀ
ଥାଡ — ଥାଡ଼ପଡ଼(ଭୂଷଣ ବି;)
ଥାଡ଼ — ଥାଳୀ [ସ୍ଥଗ୍ଭେଦ]
ଥାଡ଼ିବା — ଝଳଧାଭୁଜ
ଥାଥଲ୍ଲ — ଥପ୍ରଲ
ଥାଭ — ଥପ୍ରୈ
ଥାପ୍ରେ — ଥପତୀ(ନଦୀ ବି;)
ଥାମିଲ — ତାମ୍ବୂଳୀ
ଥାଲ୍କ — ଥାଲକ
ଥାଳ — ଥାଳ (କରଷ୍ଫୋଟ)
ଥିଅଣ — ତେମନ
ଥିଅଡୀ — ତ୍ରିପାଠୀ
ଥିଉଡ — ତ୍ରିବୃତ୍ତକା
ଥିନ୍ତୁବା — ଥିମଧାଭୁଜ
ଥିନୁଳ — ଥିନ୍ତୁଡୀ
ଥିରଶ — ତ୍ରିଂଶତ୍
ତୀଖ — ତୀକ୍ଷ୍ଣ
ଥୁଣ୍ଟ — ତୁଚ୍ଛ [ଶୂନ୍ୟ]
ଥୁଟି — ତ୍ରୁଟି
ଥୁଠ — ତୀର୍ଥ

ଥୁଥିଅ — ତୁଥକ
ଥୁନି — ଥୁଣ୍ଡୀଂ
ଥୁମେ — [ଥୁମଂ] ତ୍ୱଂ
ଥୁରନ୍ତ } — ତ୍ୱରିତ
ଥୁରିଭ }
ଥୁଶି — ତୂର୍ଯ୍ୟ
ଥୁଳାଁ — ତୂଳ (କ)
ଥୁଳବା — ଥୁଳ ଧା;
ଥୁଳୀ — ତୂଳକା
ଥେଙ୍ଗଡ଼ା — ତ୍ର୍ୟଙ୍ଗଠ (ପାକପାତ୍ରରକ୍ଷାସ୍ଥାନ)
ଥେଜଣା — ଥେଜନ
ଥେଜ୍ଜବା — ଥଜ ଧାଭୁଜ
ଥେତ୍ରିଶ — ତ୍ରୟସ୍ତ୍ରିଂଶତ୍
ଥେରସ୍ଥ } — ଥିରସ୍ଥୀନ
ଥେରସ୍ଥିଅ }
ଥେଲ — ଥୈଲ
ଥେଲକାଣ୍ଡି — ଥୈଲକିଟ୍ଟ
ଥେଲ୍ — ଥୈଲକ
ଥୋଟି — ତ୍ରୋଟି
ଥୋତଲ୍ଲ — ତ୍ରୋତଲ [ସ୍ଖଳଦ୍‌ବାକ୍ୟ]
ଥୋଗ — ଥୁଗ
ଥୋଗ୍ଣି — ଥୋଯ୍ୟାନ୍ନ
ଥୋଳା — ଥୋଳକ [ପରିମାଣ]

ଢୋଳବା—ଢୁଲଧାତୁଜ

ଢ଼ନ୍ଧୁଢ

ଢର୍ନ୍ଧୁଢ —ଢାରଭୃକ୍ତ

## ଥ

ଥକା — ସ୍ଥକିତ

ଥକବା — ସ୍ଥଗ ଧା;

ଥଣ୍ଡିଲ — ସ୍ଥଣ୍ଡିଲ

ଥନ—ସ୍ତନ

ଥନନ୍ଧର—ସ୍ତନ୍ୟନ୍ଧର

ଥନ୍ତଲ — ଢୁନ୍ଦିଲ

ଥପୃ—ସ୍ଥାୟୀ

ଥର — ସ୍ତର

ଥଳ—ସ୍ଥଳ

ଥଳୀ—ସ୍ଥଳୀ

ଥବିର — ସ୍ଥବିର

ଥାଲୁଆ—ସ୍ଥୂଳକାୟ

ଥାନ—ସ୍ଥାନ

ଥାନି—ସ୍ଥାନୀ

ଥାପନା — ସ୍ଥାପନ

ଥାପିବା—ସ୍ଥାପି ଧାତୁଜ

ଥାଳ—ସ୍ଥାଳ

ଥାଳିଅ—ସ୍ଥାଳିକା

ଥାଳୀ—ସ୍ଥାଳୀ

ଥିର(ସ୍ଥ)—ସ୍ଥିର

ଥୂକ୍କାର—ଥୂତ୍କାର

ଥୋଇବା—ସ୍ଥାପିଧାତୁଜ

ଥୋକ

ଥୋକାଏ —ସ୍ତୋକ

ଥେଣ୍ଟ—ସ୍ରୋଟୀ (ମତ୍ସ୍ୟ ବି;)

ଥୋପା — ସ୍ତବକ

ଥୋଉ—ସୂକ୍ଷ୍ମ

ଥୋବର—ସ୍ଥୁବର

## ଦ

ଦଅଣା—ଦମନକ

ଦଉଡ଼ା

ଦଉଡ଼(ରି) —ଡୋର(କ)

ଦଖିଣା—ଦକ୍ଷିଣା

ଦଙ୍ଗା — ଦ୍ୱନ୍ଦ୍ୱ (କଳହ)

ଦଢ଼—ଦୃଢ଼

ଦଣ୍ଡୁଆସୀ—ଦଣ୍ଡବାସୀ

ଦଦରା—ଦର୍ଦ୍ଦର ବା ଜର୍ଜର

ଦଳବା—ଦଳ ଧା;

ଦଶି—ଦଶା [ବସ୍ତ୍ରାନ୍ତ]

ଦଦ୍ଧ—ଦଷ୍ଟ

ଦହ—ହ୍ରଦ

ଦହି — ଦଧି

ଦାଆ—ଦାତ୍ର

ଦାଉଁଣୀ—ଦାମନୀ

ଦାଉ—ଦାବ ବା ଛାପ
ଦାଢ—ଧାର
ଦାଢ଼ି—ଦାଢ଼ିକା [ଶ୍ମଶ୍ରୁ]
ଦାମ୍ନି—ଧାମ୍ନି (ଅଧାର)
ଦାନ୍ତ—ଦନ୍ତ
ଦାନ୍ତକାଠି—ଦନ୍ତକାଷ୍ଠ (ଷ୍ଟିକା)
ଦାନ୍ତୁରି—ଦନ୍ତୁର
ଦାମୁଡ଼ି—ଦମ୍ୟଢର
ଦାଲୁଅ—ଦାଲୀ ( ଧାନ୍ୟ ର; )
ଦିଅଁ—ଦେବ
ଦିଅର—ଦେବର
ଦିଆଲୀ—ଦୀପାବଲୀ
ଦିଅଶିଲ୍ଲଇ—ଦୀପଶଳାକା
ଦିଗ—ଦିକ୍
ଦିଶିବା—କର୍ମବାଚ୍ୟ ଦୃଶ୍ଧାତୁଜ
ଦିହଳ—ଦ୍ୱିହଳ
ଦୀଘି—ଦୀର୍ଘିକା
ଦୀପାଳୀ—ଦୀପାବଲୀ
ଦୁଆର—ଦ୍ୱାର
ଦୁମ୍‌ଦୁମ୍—ଦୁନ୍ଦମଶବ୍ଦଜ
ଦୁଇ—ଦ୍ୱି
ଦୁଦୁରା—ଦର୍ଦ୍ଦୁରିକ (ବୃଯବ;)
ଦୁଧ—ଦୁଗ୍ଧ
ଦୁଧସର—ଦୁଗ୍ଧସାର
ଦୁବ—ଦୁର୍ବା
ଦୁବେଇ—ଦ୍ୱିବେଦୀ
ଦୁହା—ଦୋହା (ମାହାତ୍ମ୍ୟ)
ଦୁହାଁଳ—ଦୋହଳ
ଦୁହିଁବା—ଦୁହ୍ ଧା;
ଦେଇ—ଦେବୀ
ଦେଉଳ—ଦେବକୁଳ
ଦେଖିବା—ଦୃଶଧାତୁଜ
ଦୋଚାଳ—ଦ୍ୱିଚଳ
ଦୋପଖା—ଦ୍ୱିପକ୍ଷ [ଚୂଲ୍ଲୀଭେଦ]
ଦୋରୁଅ—ଦ୍ରବ (ରସ)
ଦୋଳା(ହଳ)ଇବା-ଦୋଳାଯୁଧା;)
ଦୋଳ—ଦୋଳ-କାଳୀ

## ଧ

ଧଅ—ଧବ (ବୃକ୍ଷ ବି;)
ଧଉଳଗିରି—ଧବଳଗିରି
ଧଡ଼ଶ—ଧର୍ଷ
ଧଡ଼ୀ—ଧଟ୍ଟ
ଧଢ଼ି—ଧଷ୍ଟୀ
ଧଣିଆ—ଧନ୍ୟା ବା ଧନାକ
ଧଣ୍ଡୁ—ଦୁଣ୍ଡୁଭ
ଧରିବା—ଧୃ ଧାତୁଜ
ଧଳା—ଧବଳ
ଧାଇଁବା—ଧାବ ଧା;
ଧାଈ—ଧାତ୍ରୀ

ଧାଡ଼ି—ଧାଟି

ଧାଙ୍ଗୁଡ଼ି—ଧାଙ୍ଗଡ଼ା

ଧାନ—ଧାନ୍ୟ

ଧାନ—ଧାନକ (ପରିମାଣ ବି:)

ଧାନକୋଠି—ଧାନ୍ୟକୋଷ୍ଠ

ଧାନଶିଂଷା — ଧାନ୍ୟଶୀର୍ଷକ

ଧାନୁକି — ଧାନୁଷ୍କ

ଧାର — ଧାର୍ଯ୍ୟ

ଧାରୁଆ—ଧାରକ (ଋଣୀ)

ଧାସ — ଧ୍ୱସ (ଲୋପ)

ଧିକାର—ଧିକ୍କାର

ଧିଠ—ଧୃଷ୍ଟ

ଧିର—ଧୀର

ଧୂଆଁ—ଧୂମ

ଧୂଆଁପତ୍ର—ଧୂମ୍ରପତ୍ର

ଧୂଆ — ଧୌତ

ଧୁତୁରା—ଧୁସ୍ତୁର

ଧୋଇବା—ଧାବ ଧାତୁଜ

ଧୋକଡ଼(ଡ଼ା)-ଧୌତକଟ(ମୁଣି)

ଧୋଜା—ଧ୍ୱଜ

ଧୋବା—ଧାବକ

## ନ

ନଅ—ନବ

ନଅର—ନଗର

ନଅରମୁଥା — ନାଗରମୁସ୍ତା

ନଇଁବା—ନମ ଧା:

ନଈ—ନଦୀ

ନ(ଲ)ଉଡ଼ି—ଲଗୁଡ଼

ନକ୍ଟେ—ନକ୍ତକ (କ୍ଷୁଦ୍ରାଂଶ)

ନଙ୍ଗଳ—ଲାଙ୍ଗଳ

ନଙ୍ଗଳା—ନଗ୍ନ ବା ନଗ୍ନାଟ

ନଡ଼ା—ନଡ଼ୟା ବା ନଡ୍ୱା

ନଡ଼ିଆ—ନାଡ଼ିକେଳ

ନଣନ—ନନନ୍ଦା

ନଣଦେଇ—ନନନ୍ଦୃପତି

ନଦିଆ—ନବଦ୍ୱୀପ

ନରମ—ନମ୍ର

ନିରାଜ—ନାରାଚ [ତିରାଜୁ]

ନଲବଣ—ନଡ଼ବନ

ନଳା—ନାଳ

ନଳଘା—ନାଳଘା

ନଳୀ—ନାଳୀକ

ନବେ—ନବତି

ନହୁଣି ନବନୀତ

ନହୁରୁଣୀ—ନଖରଞ୍ଜନୀ

ନାଁ—ନାମ

ନାଉରି—ନାବିକ

ନାକ—ନକ୍ର ବା ନାସିକା

ନାଗେଶ୍ୱର—ନାଗକେଶର

ନାଡ—ନାଟ
ନାଟୁଆ—ନାଟକ
ନାଡ଼—ନାଳ(ଡ଼)କା
ନାଙ୍ଗ—ନଗ୍ନ
ନାନା(ଦ)ଧି—ନାନାବିଧ
ନାଲ—ଲାଳା
ନାଳଅ—ନାଳକା [ଆଧାର ବି;]
ନାସ—ନସ୍ୟ
ନାସଦାନୀ—ନସ୍ୟଧାନୀ
ନାହା—ନାଥ
ନାହିଁ—ନହି
ନାହୁ—ନାଭି
ନିଆମ—ନିୟମ [ଶପଥ]
ନିଆଳି—ନବମାଳିକା
ନିଉନ—ନ୍ୟୂନ
ନିକମା—ନିଷ୍କର୍ମା
ନିଖ—ନିକ୍ଷା (ଉତ୍କୃଷ୍ଟମ୍)
ନିଗଁ—ଲିଙ୍ଗ
ନିଠା—ନିଷ୍ଠା
ନିଠେଇ—ନୈଷ୍ଠିକ
ନିତ—ନିତ୍ୟ
ନିଦ—ନିଦ୍ରା
ନିପଟ—ନିଷ୍ପଟୁ
ନିଭା(ବା)ଇବା—ନିଃ+ବା ଧା;
ନିମ—ନିମ୍ବ

ନମନ୍ତେ—ନିମିତ୍ତେ
ନରଖ—ନୀରକ୍ଷ
ନିବାଡ଼—ନିବଡ଼
ନିଶାଣ—ନିଶାନ
ନିଶୁଣୀ—ନିଃଶ୍ରେଣୀ
ନୀଳା—ନୀଳ (ମଣି)
ନୁ(ଲୁ)ଖୁରୁ—ରୂକ୍ଷ
ନୂଆ—ନବ
ନୂଆବହୁ=ନବବଧୂ
ନେଉଟିବା—(ନି+ବୃତ୍ ଧା;)
ନେଉରା—ନମ୍ର
ନେଉଳ—ନକୁଳ
ନେମ୍ବୁ—ନିମ୍ବୁ(କ)
ନେପୁର—ନୂପୁର
ନେଳିଆ } ନୀଳ ବା ନୀଳୀ
ନେଳୀ }
ନୋଡର—ନବଡର

## ପ

ପଁଷଠି—ପଞ୍ଚଷଷ୍ଠି
ପଇଡ଼—ପୟଃପେଟ(କ)
ପଇତା—ପବିତ [ଉପବୀତ]
ପକ୍କା—ପକ୍ୱ
ପଖା—ପକ୍ଷ
ପଖାଳିବା—ପ୍ର+କ୍ଷାଳ ଧା;

ପକ୍ଷିଆ—ପକ୍ଷକ
ପକ୍ଷୀ—ପକ୍ଷୀ
ପଗ(ବ)—ପଙ୍କ
ପଘା—ପ୍ରଗ୍ର(ଗ୍ରା)ହ
ପଙ୍ଖା—ପକ୍ଷକ
ପଚ୍ଚୃ—ପଚ୍ୟ
ପଚିଶ—ପଞ୍ଚବିଂଶ
ପଛ[ନ୍ତ]—ପଶ୍ଚାତ୍
ପଛେଇବା—ପ୍ର+ଅନ୍‌ଜ୍‌ ଧାତୁଜ
ପଞ୍ଚାନବେ—ପଞ୍ଚନବତି
ପଞ୍ଚା(ଚ୍ଚ)ଶ—ପଞ୍ଚାଶତ୍
ପଞ୍ଚାଶୀ—ପଞ୍ଚାଶୀତି
ପଞ୍ଜରା—ପଞ୍ଜର (ଦେହାସ୍ଥି)
ପଞ୍ଜୁରି—ପ(ପି)ଞ୍ଜର
ପଟଣା—ପଟ୍ଟନ
ପଟା—ପଟ୍ଟ *
ପଟା—ପଟ୍ଟ (ଲେଖ୍ୟପତ୍ର ବି;)
ପଟାଳି—ପଟଳି
ପଟୀ—ଅପଟୀ
ପଠା—ପ୍ରସ୍ଥ
ପଠାଇବା—ପ୍ର+ସ୍ଥା ଧାତୁଜ
ପଡ଼ା—ପାଟକ (ଗ୍ରାମାଂଶ)
ପଢିବା—ପଠ୍ ଧା;

ପଡ଼୍ରୋସି—ପ୍ରତିବାସୀ
ପଢ଼ା—ପାଠ
ପଢ଼ିଆରି—ପ୍ରତିହାରୀ
ପଢୁଆ—ପାଠକ
ପଣସ—ପନସ
ପଣା—ପାନକ
ପଣ୍ଡା—ପଣ୍ଡ (ନିଷ୍ଫଳ)
ପଣ୍ଡାପଣସ—ପଣ୍ଡପନସ
ପଣ୍ଡାମଇଁଷି—ପଣ୍ଡମହିଷ
ପତକା—ପତାକା
ପତର—ପତ୍ର
ପତଳା—ପତ୍ରଳ
ପତା—ପତ୍ର [ପକ୍ଷ୍ମ]
ପତିଆରା—ପ୍ରତ୍ୟୟ
ପତିପ—ପ୍ରତିପଦ୍
ପତୁଲି—ପାତଲୀ (ମୃତ୍ପାତ୍ର)
ପଥର—ପ୍ରସ୍ତର
ପଥି—ପଥ୍ୟ
ପଥୁରି—ପ୍ରସ୍ତରଣୀ (କୁଣ୍ଡୀ)
ପଦା—ଗଦ
ପଧାନ—ପ୍ରଧାନ
ପନି—ପଣ୍ୟ
ପନିକି—ପନକ

* ଉତ୍ତରୀୟାର୍ଥକ "ପଟ୍ଟା" ଶବ୍ଦ ମଧ୍ୟ ପଟ୍ଟା ଶବ୍ଦରୁ ଅପଭ୍ରଷ୍ଟ ଯଥା- ଲୁଗାପଟା ।

ପନ୍ତାଡ଼ }
ପନ୍ତାର } —ପ୍ରାନ୍ତ

ପନ୍ତି—ପଂକ୍ତି

ପନର—ପଞ୍ଚଦଶ

ପରଖ—ପରୀକ୍ଷା

ପରଖିବା—ପରି+ଈକ୍ଷ ଧା;

ପରତେ—ପ୍ରତ୍ୟୟ

ପରଳ—ପଟଳ [ଚକ୍ଷୁରୋଗ ବି;]

ପରଯା—ପର୍ଯ୍ୟାୟ

ପରସ୍ତା—ପ୍ରସାବ

ପ[ରି]ରୁଷିବା—ପରି+ରୁଷ ଧା;

ପଲ[ଳା]ଉ—ପଲାନ୍ନ

ପଲ[ହ]ଉ—ପ୍ଳବ [କ୍ଷୁଦ୍ରନୌକା]

ପଲଙ୍କ—ପର୍ଯ୍ୟଙ୍କ

ପଳାଇବା—ପରା+ଅୟ ଧାତୁଜ

ପଲ୍ଲାଣ—ପର୍ଯ୍ୟାଣ ବା ପଲ୍ୟୟନ

ପଵ—ପର୍ବ

ପଶା—ପାଶ[କ]

ପଶିବା—ପ୍ର+ବିଶ ଧା;

ପସାରୁଣୀ—ପ୍ରସାରଣୀ [ଲତା ବି;]

ପହଣି—ପ୍ରବଣ

ପହଣ୍ଡ—ପଦଣ୍ଡ

ପହର—ପ୍ରହର

ପହଳ—ପ୍ରହେଳ

ପହୁ—ପ୍ରଭୁ

ପହୁଞ୍ଚିବା—ପ୍ର+ଅନଚ୍ ଧାତୁଜ

ପା[ଅ]—ପାଦ [ଚତୁର୍ଥାଂଶ]

ପାଇକ—ପଦାତିକ

ପାଉଁଶ—ପାଂଶୁ

ପାଉଛି—ପ୍ରାପ୍ତି

ପାଖ—ପକ୍ଷ

ପାଖର—ପ୍ରଖର [ଅତ୍ୟୁଗ୍ର]

ପାଖୁଡ଼ା—ପ୍ରକର [ସ୍ତବକ]

ପାଗ—ପାକ

ପାଗଦାଣ୍ଡି—ପାକଦଣ୍ଡୀ

ପାଚିର—ପ୍ରାଚୀର

ପାଚିଲା—ପଚେଲିମ

ପାଛୁଡ଼ା—ପ୍ରଚ୍ଛଦପଟ

ପାଞ୍ଚ—ପଞ୍ଚ

ପାଞ୍ଛ—ବାଞ୍ଛା

ପାଞ୍ଚଣ—ପ୍ରାଜନ ବା ପଞ୍ଚନିକା

ପାଞ୍ଛିବା—ବାଞ୍ଛ ଧାତୁଜ

ପାଞ୍ଜି—ପଞ୍ଜିକା(ଞ୍ଜୀ)

ପାଟ—ପଟ୍ଟ

ପାଟକୋଷି—ପଟ୍ଟକୌଷୀ

ପାଟଣା—ପତ୍ତନ

ପାଟରା—ପଟ୍ଟକାର

ପାଟରାଣୀ—ପଟ୍ଟରାଜ୍ଞୀ

ପାଢ଼ୀ—ପାଠୀ

ପାଣି—ପାନୀୟ

ପାଣ୍ଡରା—ପାଣ୍ଡର
ପାଣ୍ଡୋଇ – ପଙ୍କ୍ତି
ପାତଳ – ପତ୍ରଳ
ପାଦୁକା – ପାଦୋଦକ
ପାନ – ପର୍ଣ୍ଣ
ପାନରା—ପର୍ଣ୍ଣକାର
ପାନ୍ନଅ—ପ୍ରସାଧନୀ ?
ପାପ(ମ୍ପ)ଡ—ପର୍ପଟ (ପିଷ୍ଟକ ବି;)
ପାରା—ପାରଦ
ପାରା—ପାରାବତ (ପକ୍ଷୀ)
ପାରି—ପାର
ପାରିବା—ପାର ଧାତୁଜ
ପାଲ—ପଲ୍ଲଲ
ପାଲଙ୍ଗ—ପାଲଙ୍କ (ଶାକ ବି;)
ପାଲଣା—ପାଳନ ବା ପାରଣା
ପାଳିବା—ପାଳଧାତୁଜ
ପାଶ—ପାର୍ଶ୍ୱ
ପାସୋରିବା—ପ୍ରତି+ସ୍ମୃ ଧାତୁଜ
ପାହାଡ—ପାବତ୍ତ
ପାହାନ୍ତା—ପ୍ରଭାତ
ପାହାର—ପ୍ରହାର
ପାହୁଡ଼—ପାଦକୂଟ
ପାହୁଣ୍ଡ—ପାଦଦଣ୍ଡ
ପାହୁରୁଣୀ—ପ୍ରହାରଣୀ
ପାହୁଲ—ପାଦଖେଳା

ପିଅର—ପିତୃଶବ୍ଦଜ
ପିଅ—ପୀତ
ପିଅଦା—ପଦାତି
ପିଅଶାଳ—ପୀତଶାଳ
ପିଅସ—ପିପାସା
ପିଇବା—ପା ଧାତୁଜ
ପିଇ[ଉ]ସୀ—ପିତୃଷ୍ୱସୃ
ପିକଦାନୀ—ପୂଗଧାନୀ
ପିଙ୍ଗୁ—ଷ୍ଠିଉ୍
ପିଚିକାରି—ପିଚିକା
ପିଟିବା—ଲୁଣ୍ଠନାର୍ଥକ ପିଟ୍ଟଧା;
ପିଠା—ପିଷ୍ଟକ
ପିଠା(ଠୋ)ଉ—ପିଷ୍ଟୋଦକ
ପିଠି—ପୃଷ୍ଠ
ପିଢା—ପୃଷ୍ଠ[କ] ବା ପୀଠ
ପିଣ୍ଡା—ପିଣ୍ଡ
ପିତଳ—ପିତ୍ତଳ
ପିତା—ପିତ୍ତ
ପିତାକୋରୁଅ—ପୀତକାବେର (କୁଟଜବୃକ୍ଷ ବି;)
ପିତାଶୁଣୀ—ପିଶିତାଶିନୀ
ପିତୁଳ(ଳା)—ପୁତ୍ତଳୀ
ପିନ୍ଧାଣ—ପିଧାନ
ପିନ୍ଧିବା—ଅପି+ଧା ଧା;
ପିପଳ—ପିପ୍ପଳୀ

ପିମ୍ପୁଡ଼ି — ପିପୀଲିକା
ପିୟାଳ — ପ୍ରିୟାଳ
ପିଳ୍ହେଇ — ପ୍ଳୀହା (ପ୍ଳୀହନ୍)
ପୀଢ଼ା — ପୀଠ
ପୁଅ — ପୁତ୍ର
ପୁଆ — ପୂପକ
ପୁଆ — ପ୍ରରୂଢ଼ (ଅଙ୍କୁର)
ପୁଛ — ପୃଚ୍ଛା
ପୁଛିବା — ପ୍ରଚ୍ଛ ଧାତୁଜ
ପୁଞ୍ଜା — ପୁଞ୍ଜ
ପୁଠୀମାଛ — ପ୍ରୋଷ୍ଠୀମତ୍ସ
ପୁଡ଼ା — ପୁଟକ
ପୁଡ଼ୀ — ପୁଟୀ
ପୁଣ(ଣି) — ପୁନଃ
ପୁତ — ପୁତ୍ର
ପୁତୁଳା — ପୁତ୍ତଳକ
ପୁନଅଁ } ପୂର୍ଣ୍ଣିମା
ପୁନେଇ }
ପୁଯ(ଜ) — ପୂୟ
ପୁରୁଣା — ପୁରାଣ
ପୁରୁଣୀ — ପୁନର୍ନବା
ପୂର୍ଖା — ପ୍ରଖ୍ୟ
ପୁଳା — ପୂଳକ (ମୁଷ୍ଟି)
ପୂଳ — ପୂ(ପୋ)ଳକ
ପୂଷ — ପୌଷ ବା ପୁଷ୍ୟ

ପୂଝାରି — ପୂଜାକାରୀ
ପୂର — ପୂରକ (ମିଷ୍ଟାନ୍ନ ବି;)
ପୂରିବା — ପୂର୍ ଧାତୁଜ
ପେଖନା — ପ୍ରେକ୍ଷଣ
ପେଙ୍ଗା — ପଙ୍ଗୁ
ପେଚା — ପେଚକ
ପେଜ — ପେୟ (ଯୂ)
ପେଟରା — ପେଟକ
ପେଡ଼ା — ପେଟା
ପେଡ଼ି — ପେଟିକା (ଟୀ)
ପେଡ଼ିବା — ପୀଡ଼ ଧାତୁଜ
ପେଣ୍ଡା — ପିଣ୍ଡ (ସ୍ତବକ)
ପେଣ୍ଡୁ — ପିଣ୍ଡ (ଜାନ୍ୱଧୋଭାଗ)
ପେଣ୍ଡି — ପିଣ୍ଡିକା
ପେଣ୍ଡିଖଜୁର — ପିଣ୍ଡୀଖର୍ଜୁର
ପେନସ-ପୀନସ(ନାସାରୋଗ ବି;)
ପେମ — ପ୍ରେମ
ପେଲିବା — ପେରଣାର୍ଥ ପିଲ ଧା;
ପେ-ଫେ-ଷଣା — ପେଷଣ[ଣୀ]
ପେଷିବା — ପିଷ୍ ଧାତୁଜ
ପୋଇ — ପୋତକା
ପୋଖତ — ପ୍ରସୂତ
ପୋଖରୀ — ପୁଷ୍କରୀ
ପୋଛ — ପ୍ରୋଞ୍ଛ
ପୋଛିବା — ପ୍ର + ଉଞ୍ଛ ଧାତୁଜ

ପୋଟଳ—ପଟୋଲ

ପୋଟଲା—ପୋଟଲକ

ପୋଠଳ—ପୋଟ୍ଟଳକା

ପୋଡ଼ିବା—ଦାପ୍ତ୍ୟର୍ଥକ ପୁଠ ଧା;*

ପୋତକ—ପୁସ୍ତକ

ପୋତା—ପ୍ରୋତ୍ଥ

ପୋଢ଼ିବା—[ପ୍ରୋଢ଼୍ + ସ୍ଥା ଧା;]

ପୋଥି—ପୁସ୍ତୀ

ପୋଲ୍ଲଙ୍ଗ — ପୁନ୍ନାଗ

ପାକୁଅ — ପ୍ଳବ [ମତ୍ସ୍ୟଯନ୍ତ୍ର]

ପୋଷା
ପୋଷିଅଁ } —ପୋଷ୍ୟ

ପୋଷିବା—ପୁଷ୍ ଧା;

ପୋହଲା—ପ୍ରବାଳ

## ଫ

ଫକା—ଫକ୍କ

ଫଗୁ—ଫଲ୍ଗୁ

ଫଗୁଣ—ଫଲ୍ଗୁନ

ଫଡା—ଫାଲ

ଫରଫର—ଫର୍ଫର

ଫରୁଆ—ଫରୁବକ

ଫଳା—ଫଳକ [ମତ୍ସ୍ୟ ବି;]

ଫଳିବା—ଫଳ ଧା;

ଫାଙ୍କି—ଫକ୍କିକା

ଫାଙ୍କିବା — ଫକ୍କ ଧାତୁଜ

ଫାଡ଼ିବା—ସ୍ଫାର,ସ୍ଫାଳଧା;

ଫାରଷା—ପରଶୁ

ଫାଶ—ପାଶ

ଫିଟାଇବା—ସ୍ଫିଟ ଧା;

ଫିଟିକର—ସ୍ଫଟିକାର

ଫୁକାର, ଫୁଙ୍କ—ଫୁତ୍କାର

ଫୁଟା—ସ୍ଫୁଟ

ଫୁଟି—ସ୍ଫୁଟି

ଫୁଟିବା—ସ୍ଫୁଟ ଧାତୁଜ

ଫୁର୍ତ୍ତି ସ୍ଫୁର୍ତ୍ତି

ଫୁଲ—ଫୁଲ୍ଲ

ଫୁଲିବା—ସ୍ଫୁର୍ ଧା;

ଫେଡ଼ିବା—ସ୍ଫିଟ ଧାତୁଜ

ଫେଣ—ଫେନ

ଫେଣ — ଫଣ ବା ଫଣା

ଫେଣା—ଫେନ(ଣ)କ
[ମିଷ୍ଟାନ୍ନ ବି;]

ଫେଣିବା—ଫଣ ଧା;

ଫୋଟକା—ସ୍ଫୋଟକ

ଫୋଡ଼—ସ୍ଫୋଟ

---

* କାଳକ୍ରମେ ଧାତୁର ପ୍ରକୃତ ଅର୍ଥ ବିକୃତ ହୋଇଅଛି ।

ଫୋଡଣୀ—ସ୍ଫୋଟନୀ
ଫୋଡ଼ିବା—ସ୍ଫୁଟ ଧା;

## ବ

ବ(ଥ)ର—ବଦର (କୋଳବୃକ୍ଷବ)
ବଣିଆ—ବଣିକ୍
ବଣିଜ—ବଣିଜ୍ୟ
ବଧୂଲି—ବନ୍ଧୂକ
ବନ୍ଧା—ବନ୍ଧ(ନ)
ବରଗୁଡ଼ି—ବର୍ଣ୍ଣଟୀ
ବରୁଣ—ବ୍ରଣ
ବଲଚକାର—ବଳାତ୍କାର
ବଳଦ—ବଲୀବର୍ଦ୍ଦ
ବଲା—ବଲସ୍ତ
ବହୂ—ବଧୂ
ବହୂଟି—ବଧୂଟୀ
ବହୂଡ—ପ୍ରଭୂତ
ବାଞ୍ଝ—ବନ୍ଧ୍ୟ(ନ୍ଧ୍ୟା)
ବାନ୍ଧିବା—ବନ୍ଧ ଧା;
ବାମ୍ଫ—ବାଷ୍ପ
ବାଲ—ବାଲ୍ୟ(କା)
ବାହା—ବା(ହ)ବ୍ଧୁ
ବାହ୍ମଣଯାଷ୍ଟି—ବ୍ରାହ୍ମଣଯଷ୍ଟି(କା)

ବୁଙ୍କୁ—ବୁକ୍କ
ବୁଝିବା—ବୁଧ ଧା;
ବୁଡ଼ିବା—ବୁଡ଼ଧା ଭୁଜ
ବୋଝା—ବୁସ୍ତ
ବୋଧା—ବୁଦ୍ଧ ବା ବୋଧୀ

## ଭ

ଭଅଁର—ଭ୍ରମର
ଭଅଁର—ଭ୍ରମରକ (ବେଧନାସ୍ତ୍ର)
ଭଇଁଚ—ଭଙ୍କଙ୍କର
ଭଉଁରୀ—ଭ୍ରମରୀ
ଭଉଣୀ ✻—ଭଗିନୀ
ଭଗତି—ଭକ୍ତି
ଭଗାରୀ—ଭାଗଧାରୀ
ଭଙ୍ଗା—ଭଗ୍ନ ବା ଭଙ୍ଗ
ଭଡ଼ା—ଭାଟକ
ଭଡ଼ୁଆ—ଭଡ(ବର୍ଣ୍ଣସଙ୍କର ଜ;)
ଭଣିବା—ଭଣ ଧା;
ଭଣ୍ଡା—ଭଣ୍ଡ
ଭଣ୍ଡାର—ଭାଣ୍ଡାଗାର ବା ଭାଣ୍ଡାର
ଭଣ୍ଡାର—ଭାଣ୍ଡୀର(ର)
ଭଣ୍ଡିବା—ଭଣ୍ଡ ଧା;
ଭଦଭଦଆ—ଭରଦ୍ୱାଜ ପକ୍ଷୀ ବି;)

---

✻ ସର୍ବପ୍ରଥମେ ପ୍ରାଚୀନ ଭାଷାରେ 'ବହେଣୀ' ବା 'ଭବଣୀ' ପ୍ରାକୃତ 'ବହୁଣୀ'ରୁ ଆଗତ ।

ଭଗ୍ନ — ଭଗ ବା ଭାଗ
ଭରିବା — ଭୃ ଧାତୁଜ
ଭଲ — ଭଦ୍ର
ଭାଇ — ଭ୍ରାତୃ
ଭାଇବୋହୂ — ଭ୍ରାତୃବଧୂ
ଭାଉଜ — ଭ୍ରାତୃଜାୟା
ଭାଲୁର(ଡ଼) — ଭଲ୍ଲୁର
ଭାଙ୍ଗ — ଭଙ୍ଗ
ଭାଙ୍ଗ — ଭଙ୍ଗା (ବଜ୍ରସ୍ଥା)
ଭାଙ୍ଗିବା — ଭନ୍ଜ୍ ଧାତୁଜ
ଭାଜିବା — ଭ୍ରଜ ଧାତୁଜ
ଭାଟ — ଭଟ୍ଟ
ଭାଡ — ଭ୍ରାଷ୍ଟ
ଭାଣିଜା — ଭାଗିନେୟୀ
ଭାଣ୍ଡ — ଭଣ୍ଡ (ଶଠ)
ଭାତ — ଭକ୍ତ
ଭାତମଣ୍ଡ — ଭକ୍ତମଣ୍ଡ
ଭାତି — ଭସ୍ତ୍ରୀ
ଭାଦ୍ରବ — ଭାଦ୍ରପଦ
ଭାରଆ — ଭାରକ
ଭାରୁଆ — ଭାରବାହ
ଭାଲଆ — ଭଲ୍ଲାତକ
ଭାଲୁ — ଭାଲୁକ ବା ଭଲ୍ଲୁକ
ଭାବିବା — ଭାବ ଧାତୁଜ
‐ଷିବା — ଭାଷ ଧାତୁଜ

ଭିଆଣ — ବିଧାନ
ଭି(କ)ଖ — ଭିକ୍ଷା
ଭିଖାରୀ — ଭିକ୍ଷାକାରୀ
ଭିଡ — ଭେଦ
ଭିତର — ଅଭ୍ୟନ୍ତର
ଭିଲ — ଭିଲ୍ଲ (ଜାତି ବି;)
ଭୁକିବା — ବୁକ୍କ ଧା;
ଭୁଜା — ଭୃଜ୍ୟା
ଭୁଞ୍ଜିବା — (ଭୁଜ୍ ଧା;)
ଭୁଷ (ଷି) — ବୁଷ
ଭୁଥ — ବ୍ୟୂହ
ଭୂଇଁ — ଭୂମି
ଭୂଇଁଆ — ଭୌମିକ ଓ ଭୂମିଜ
ଭୂଇଁଖଜୁରି — ଭୂମିଖର୍ଜୁରୀ
ଭୂଇଁଚମ୍ପା — ଭୂମିଚମ୍ପକ
ଭେକ୍ଟା — ଭାକୁଟ (ମତ୍ସ୍ୟ)
ଭେଣ୍ଡି — ଭିଣ୍ଡ(ଣ୍ଡା) (ବୃକ୍ଷ ବି;)
ଭେଡୁଆ — ଭେଦକ
ଭେଲା — ଭେଳକ
ଭେଶ — ବେଶ
ଭୋଖ(କ) — ବୁଭୁକ୍ଷା
ଭୋଜ — ଭୋଜ୍ୟ
ଭୋଦୁଅ — ଭାଦ୍ରପଦ
ଭୋଳ — ବିହ୍ୱଳ

# ମ

ମଇଁଷି — ମହିଷ

ମଇଁଷିଆଳ — ମହିଷପାଳ

ମଇ — ମଦ(କା) [କୃଷିଯନ୍ତ୍ର ବି;]

ମଇଳା — ମଳ

ମଉଛବ
ମଉଚ୍ଛ } ମହୋତ୍ସବ

ମଉଜ — ମୋଦ

ମଉଳା — ମାଉଳ

ମକୁଟ — ମୁକୁଟ

ମଗର — ମକର

ମଗୁଶିର — ମାର୍ଗଶିର

ମଜା — ମଜ୍ଜା

ମଝି — ମଧ୍ୟ

ମଝିଆଁ — ମଧ୍ୟମ

ମଞ୍ଚା — ମଞ୍ଚ

ମଞ୍ଜ [ଞ୍ଜା] — ମଜ୍ଜା

ମଞ୍ଜାରି — ମାର୍ଜାର

ମଞ୍ଜି — ମଜ୍ଜା

ମଞ୍ଜୁଆଉ — ମଞ୍ଜିଷ୍ଠା ବା ମଞ୍ଜୁଷା

ମଠ
ମଠୁଆ } — ମନ୍ଥର

ମଡ଼କ — ମରକ

ମଡ଼ମଡ଼ — ମର୍ମର

ମଡ଼ା — ମୃତ

ମଣିବା — ମନ୍ ଧାତୁଜ

ମଣି[ନି]ଷ — ମନୁଷ୍ୟ

ମଣ୍ଡଣ — ମଣ୍ଡନ

ମଣ୍ଡା — ମଣ୍ଡକ [ପିଷ୍ଟକ ବି;]

ମଣ୍ଡିବା — ମଣ୍ଡ ଧାତୁଜ

ମତ
ମତୁଆ } — ମତ୍ତ

ମଥା — ମସ୍ତକ

ମଦ — ମଦ୍ୟ

ମଦୁଆ — ମଦ୍ୟପ

ମନାସ — ମାନସ

ମନୁ — ମନ୍ୟୁ [ଶାପ]

ମନ୍ଦା — ମଣ୍ଡଳ.

ମନ୍ଦର — ମନ୍ଦ୍ର [ବାଦ୍ୟ ବି;]

ମରଛି — ମୃତବତ୍ସା

ମରହଟୀ — ମହାରାଷ୍ଟ୍ରୀ

ମରୁଆ — ମରୁବ(କ)

ମଲା — ମଣ୍ଡଳ

ମଲ — ମଲ୍ଲ

ମଲିଆ — ମଲ୍ଲୀ

ମଲି — ମଲ୍ଲିକା [ସ୍ତ୍ରୀ]

ମଳିଆ, ମଇଳିଆ — ମଳୀମସ

ମଶା — ମଶ[କ]

ମଶାଣି[ଣ] — ଶ୍ମଶାନ

ମଶାର — ମଶକାର ବା ମଶହରୀ
ମସା — ମସ [ପରିମାଣ]
ମସୁର — ମସୂରିକା
ମହଙ୍ଗା / ମହର୍ଗ } ମହାର୍ଘ
ମହଣଶାରୁ — ମାଣଶାଲୁ
ମହତ — ମହତ୍ତ୍ୱ
ମହନ୍ତ — ମହତ୍
ମହି — ମଥିତ [ନିର୍ଜଳ ଦଧି]
ମହୁ — ମଧୁ
ମହୁକା — ମଧୂକା [ଗୁଳୁ ବୃ;]
ମହୁ[ଳି]ଡ଼ି — ମୁକୁଟ
ମହୁମାଛି — ମଧୁମାଚିକା
ମହୁର — ମଧୁରିକା
ମହୁଲ — ମଧୂଲ
ମହୁଶିଠା — ମଧୁଚ୍ଛିଷ୍ଟ
ମାଅ — ମାତା
ମାଇ — ମାତୃ
ମାଇଁ — ମାମୀ
ମାଉଁସ — ମାଂସ
ମାଉସୀ — ମାତୃଷ୍ୱସୃ
ମାକଡ / ମାଙ୍କଡ଼ } ମର୍କଟ
ମାକଡ଼ସା — ମର୍କଟକ
ମାଗଣ[ଣା] — ମାର୍ଗଣୀ
ମାଗିବା — ଯାଚନାର୍ଥକ ମାର୍ଗ ଧା;
ମାଗୁର — ମଦ୍ଗୁର
ମାଖିବା — ମ୍ରକ୍ଷ ଧା;
ମାଛ — ମତ୍ସ ବା ମଚ୍ଛ
ମାଛରଙ୍କା — ମତ୍ସରଙ୍କ
ମାଛି — ମକ୍ଷିକା ବା ମାଚିକା
ମାଜଣା — ମାର୍ଜନୀ
ମାଜିବା — ମୃଜ ଧାତୁଜ
ମାଟି — ମୃତ୍ତିକା
ମାଟିଆ — ମାର୍ତ୍ତିକ
ମାଡ଼ — ମାର
ମାତିବା — ମଦ ଧାତୁଜ
ମାଣ — ମାନ
ମାଣି — ମାନ
ମାଣିକ — ମାଣିକ୍ୟ
ମାଢବା — ମତ୍ର ନାମଧା;
ମାଦଳ — ମର୍ଦ୍ଦଳ
ମାପିବା — ମାପି ଧାତୁଜ
ମାମୁ — ମାମ
ମାରଗ — ମରକତ
ମାରିବା — ମୃ ଧାତୁଜ
ମାଳ — ମାଳା ବା ମାଲ୍ୟ
ମାଲ — ମଲ୍ଲ
ମାଳି — ମାଳିକା
ମିଛ — ମୃଷା ବା ମିଥ୍ୟା

ମିଠା — ମିଷ୍ଟ

ମିଠାଇ — ମିଷ୍ଟାନ୍ନ

ମିତ — ମିତ୍ର

ମିନତି — ବିନତି

ମିରଗ — ମୃଗ

ମିଳିବା — ମିଳଧାତୁଜ

ମିଶାଣ — ମିଶ୍ରଣ

ମୁଖଶାଳୀ — ମୁଖ୍ୟଶାଳା

ମୁଗ — ମୁଦ୍ଗ

ମୁଗୁନା — ମୁଦ୍ଗପର୍ଣ୍ଣୀ

ମୁଗୁର — ମୁଦ୍ଗର

ମୁଛ — ଶ୍ମଶ୍ରୁ

ମୁଠା, ମୁଠି } ମୁଷ୍ଟି

ମୁଠୁଣି — ମୁଷ୍ଟ୍ୟନ

ମୁଣ୍ଡା, ମୁଣ୍ଡି } ମୁଣ୍ଡ (ସ୍ଥାଣୁବୃକ୍ଷ)

ମୁଣ୍ଡିରଣା — ମୁଣ୍ଡରଣକ

ମୁଥା — ମୁସ୍ତା

ମୁଦ — ମୁଦ୍ରା

ମୁଦା — ମୁଦ୍ରିତ

ମୁଦ(ଅ) — ମୁଦ୍ରିକା

ମୁଦିବା — ମୁଦ୍ର ଧାତୁଜ

ମୁନ୍ଦୁରି — ମନ୍ଦୁରା

ମୁରୁଜ — ମୂର୍ଜା ?

ମୁର୍ଗା — ମୂର୍ଖା

ମୁର୍ଚ୍ଛିକଥ — ମୁର୍ଚ୍ଛକ

ମୁର୍ହଁ — ମୁଖ

ମୁର୍ହଁଖର — ମୁଖର

ମୂତ — ମୂତ୍ର

ମୂଲ — ମୂଲ୍ୟ

ମୂଲା — ମୂଲକ

ମୂଷା — ମୂଷକ

ମୂଷାକାନ — ମୂଷକକର୍ଣ୍ଣୀ

ମେଢ଼ି — ମେଧ(ଧି)

ମେଣ୍ଢା — ମେଢ୍ର ବା ମେଣ୍ଢ

ମେଥି — ମେଥିକା

ମେରୁ — ମେଧ୍ୟ ବା ମେରୁ

ମେଳ ବା ମେଳି — ମେଳା

ମେଳଣ — ମେଳନ

ମେହେନ୍ଦି — ମେନ୍ଧୀ

ମୋଡ଼ା — ମୋଟକ

ମୋଡ଼ିବା — ମୁଟ ଧା;

ମୋତି — ମୌକ୍ତିକ

ମୋହମଡ — ମମତା (ସ୍ତ୍ରୀ)

ମୌଳିବା — ମ୍ଲୈ ଧାତୁଜ

## ଯ

ଯଅ — ଯବ

ଯଖ — ଯକ୍ଷ

ଯନ୍ତ୍ରା — ଯନ୍ତ୍ର
ଯାଅ — ଯାତା
ଯାଅଁଳା — ଯାମଳ
ଯାଉ — ଯବାଗୂ
ଯାଉଳ — ଯୁଗଳ
ଯାଚିବା — ଯାଚଧାତୁଜ
ଯାଠିମହୁ — ଯଷ୍ଟିମଧୁ
ଯାତ — ଯାତ୍ରା
ଯାବନ୍ତ — ଯାବତ୍
ଯୁଅଣୀ — ଯବାନୀ
ଯୁଅନ — ଯୁବନ୍
ଯୁଅଳିଳା — ଯୁଗଳୀଳକ
ଯୁଅଳ — ଯୁଗ
ଯୁଇ — ଯୁଥିକା (ଥୀ)
ଯୁଝ — ଯୁଧ୍
ଯୁଝିବା — ଯୁଧ୍ ଧାତୁଜ
ଯୁଣ — ଯୋଜନ
ଯୋଚିବା — ଯୁଜ୍ ଧା;
ଯୋଡ଼ / ଯୋଡ଼ା } ଯୋଟକ
ଯୋଡ — ଯୋଦ୍ଧ
ଯୌତୁକ — ଯୌତକ

## ର

ରକ୍ତଚତା — ରକ୍ତଚନ୍ଦନ
ରଙ୍କା — ରଙ୍କ (କୃପଣ)
ରଙ୍ଗଣୀ — ରଙ୍ଗିଣୀ (ପୁଷ୍ପ ବି;)
ରଙ୍ଗା — ରଙ୍ଗ
ରଙ୍ଗେ(ଙ୍ଗେ)ଇବା — ରନ୍ଜଧାତୁଜ
ରଜ — ରଜସ୍
ରଜା — ରାଜା
ରଞ୍ଜା — ରଞ୍ଜକ
ରଟି(ଡ଼ି)ବା — ରଟ ଧା;
ରତି — ରକ୍ତିକା (ପରିମାଣ ବି;)
ରସଗ — ରସକାର
ରସୁଣ — ର(ଲ)ଶୁନ
ରାଇଜ — ରାଜ୍ୟ
ରାଇବା — ରୈ ଧା;
ରାଇସୋରଷ — ରାଜସର୍ଷପ
ରାଣୀ — ରାଜ୍ଞୀ
ରାଣ୍ଡ — ରଣ୍ଡା
ରାଢ — ରାଢ଼ି
ରାନ୍ଧଣା — ରନ୍ଧନ
ରାନ୍ଧିବା — ର(ଧ)ନ୍ଧଧାତୁଜ
ରାନ୍ଧା — ରନ୍ଧ୍ରା
ରୁଅ — ରୋହ (ଅଙ୍କୁର)
ରୁଅଇବା — ରୁହ ଧା;
ରୁଟି — ରୋଟିକା
ରୁମ — ରୋମ
ରୁଷିବା — ରୁଷଧାତୁଜ

ରୂପସୀ – ରୂପୀସୂପୀ
ରୂପା – ରୂପକ
ରୋଇବା – ରୁହଧାତୁଜ
ରୋଧିବା – ରୁଧ ଧା;
ରୋହୁ – ରୋହିତ

## ଲ

ଲଇ – ଲତିକା
ଲଉଡ଼ି – ଲଗୁଡ଼
ଲଗା – ଲଗ୍ନ
ଲଙ୍ଗଳ – ଲାଙ୍ଗଳ
ଲଠା—ଲଷ୍ଟା
ଲଠି – ଲଷ୍ଟିକା
ଲଡୁ—ଲଡ୍ଡୁକ
ଲଢ଼ିବା—ପୀଡ଼ନାର୍ଥକ ଲଡ଼ ଧା;
ଲଫା—ଲମ୍ଫ
ଲମ୍ବା—ଲମ୍ବ
ଲହଡ଼ି—ଲହରୀ (ର)
ଲହୁ—ଲୋହିତ
ଲାଖ—ଲକ୍ଷ୍ୟ
ଲାଖ—ଲାକ୍ଷା
ଲାଗି(ଇ)ବା—ଲଗଧାତୁଜ
ଲାଙ୍ଗୁଡ଼—ଲାଙ୍ଗୁଳ
ଲାଞ୍ଛିବା—ଲଞ୍ଛ ଧା;
ଲାଜ—ଲଜ୍ଜା
ଲାଜକୁଳା—ଲଜ୍ଜାଳୁକ
ଲାଜକୁଳୀ—ଲଜ୍ଜାଳିକା(ଲଜ୍ଜା-ଳୁଲତା)
ଲାଞ୍ଜ—ଲଞ୍ଜ
ଲାଞ୍ଜି—ଲଞ୍ଜିକା
ଲାଳ—ଲାଳା
ଲିଆ—ଲାଜ
ଲିଖ—ଲିକ୍ଷା (ଯୂଦ୍ରୋଣ୍ଡ)
ଲିତା – ଲିପ୍ତିକା
ଲିହିବା – ଲିଖଧାତୁଜ
ଲୁଖୁରୁ – ରୁକ୍ଷ
ଲୁଚି – ଲୋଚିକା (!ମିଷ୍ଟାନ୍ନ ବି;)
ଲୁଚିବା – ଲୁନ୍ଚ ଧା;
ଲୁଟିବା – ଲୁଠ ଧା;
ଲୁଣ—ଲବଣ
ଲୁଣୀ—ଲବଣୀ (କୋଁଳ)
ଲୁହ—ଲୋତ
ଲୁହା – ଲୋହ
ଲେମ୍ବୁ—ନମ୍ବୁ (କ)
ଲେଖିବା—ଲିଖଧାତୁଜ
ଲୋଟିବା—ଲୁଠଧା;
ଲୋଡ଼ିବା – ଲୁଡ ଧା;
ଲୋଧ—ଲୋଧ୍ର

## ବ

ବଂଶଲୋଚନ—ବଂଶ ଲୋଚନା

ବଁଉଳି—ବକୁଳ
ବଁକିମ—ବଲ୍କଦ୍ରୁମ
ବଁକଲ—ବଲ୍କଳ
ବଙ୍କିବା—ବଚ ଧାତୁଜ
ବଖରା—ପକ୍ଷାଗାର ?
ବଗ—ବକ
ବଙ୍କା — ବଙ୍କ
ବଛ—ବତ୍ସ
ବକ୍ଷ(କ୍ଷ)—ବକ୍ଷ
ବଡ଼—ବଟ
ବଡ଼ି—ବଟିକା(ଟୀ)
ବଡୁ—ବଟୁ
ବଡ଼େଇ—ବଡିମା
ବଢି—ବୃଦ୍ଧି
ବଢ଼ିଅକାଙ୍କ — ବୃଦ୍ଧତ୍ବକାଙ୍କ
ବଢିବା—ବୃଧ ଧାଃ
ବଢ଼େଇ—ବର୍ଦ୍ଧକୀ(କି)
ବଣ—ବନ
ବଣମଲ୍ଲି—ବନମଲ୍ଲିକା
ବଣୁଆ— ବନ୍ୟ
ବଣ୍ଠା—ବଣ୍ଠକ (ଭାଗ)
ବତକ — ବର୍ତ୍ତକ
ବତି—ବର୍ତ୍ତି
ବଥ—ବ୍ୟଥ
ବଥା —ବ୍ୟଥା

ବଥୁଆ—ବାସ୍ତୁକ (ଶାକ ବି;)
ବଥେଇବା—ବ୍ୟଥ ଧାତୁଜ
ବନ—ବର୍ଣ୍ଣ
ବନମାଟି — ବର୍ଣ୍ଣମୃତ୍ତିକା
ବନଶୀ—ବଡଶୀ(ବଡ଼ୀଶ)
ବନା(ନ)—ବର୍ଣ୍ଣନା
ବନ୍ଦାଣ—ବନ୍ଦନା
ବନ୍ଧିବା—ବନ୍ଧ ଧାଃ
ବୟୃ—ବ୍ୟୟୃ
ବୟୃସ—ବୟୃସ୍ତ
ବଉ—ବଠ
ବରଡ଼ା—ବିଷ୍ଠ
ବରଣ୍ଡା—ବରଣ୍ଡ(କ)
ବରତନ—ବର୍ତ୍ତନ (ବେତନ)
ବରା—ବଡ଼ା ବା ବରକ
ବଲା—ବାଲ ଓ ବଳୟ
ବଲୀୟାର—ବଲୀୟାନ୍
ବଲ୍ଖ—ବାହ୍ଲୀକ (ଦେଶ ବି;)
ବସା—ବାସ
ବହପ—ବପୁ(ପୁ)
ବହରା—ବଧିର
ବାଁ—ବାମ
ବାଆ—ବାତ
ବାଇ—ବାୟୁ
ବାଇଗଣ—ବଙ୍ଗନ ବା ବାତିଙ୍ଗଣ

ବାଇଦ—ବାଦ୍ୟ
ବାଇଶ—ଦ୍ୱାବିଂଶ
ବାଉଁଶ—ବଂଶ
ବାଉଁଶଧାନ—ବଂଶଧାନ୍ୟ
ବାଉଁଶପତ୍ରିଆ—ବଂଶପତ୍ରୀ(ତୃଣବି;)
ବାଉଙ୍ଗି—ବିଡ଼ଙ୍ଗିକା(ଭାରଯଷ୍ଟି)
ବାଉଟିଆ—ବାତାଟ(ବାତମୃଗ)
ବାଉଳା—ବାତୁଳ ବା ବ୍ୟାକୁଳ
ବାଘ—ବ୍ୟାଘ୍ର
ବାଙ୍କ—ବଙ୍କ
ବାଛୁରି—ବତ୍ସତର
ବାଜଣା—ବାଦନ
ବାଜା—ବାଦ୍ୟ
ବାଜିବା—ବାଦ ଧାତୁଜ
ବାଟୁଳି—ବର୍ତ୍ତୁଳିକା
ବାଟୁଳିଖଡ଼ା—ବର୍ତ୍ତୁଳଖେଟକ
ବାଡ—ବାଟ (ବୃତି)
ବାଡ଼ି—ବାଟିକା
ବାଡ଼ିଅଁଳା—ବାଟ୍ୟାଳକ
ବାଣ—ବାନ (ଜଳ ସ୍ଫୀତି)
ବାଣୁଆ—ବାଣକୃତ
ବାଣ୍ଟ—ବଣ୍ଟ (ଭାଗ)
ବାନ୍ଧିବା—ବନ୍ଧ ଧାତୁଜ
ବାତୁଡ଼ି—ବାତୁଳି
ବାଧକ—ବାଧା

ବାନ୍ଦର—ବାନର
ବାପ—ବପ୍ତା
ବାମ୍ଫ—ବାଷ୍ପ
ବାମ୍ଫୀ—ବାପୀ
ବାମ୍ଫୁ(ଇଆ)—ବାର୍ତ୍ତିକ(ପକ୍ଷୀ)
ବାମ୍ଫୁଣୀ—ବାଣିନୀ
ବାରିସି—ବାସୀ(ବର୍ଷକ୍ୟସ୍ଥ)
ବାରିଆ—ବାସ୍ତ (ରଙ୍କା)
ବାରିକ—ବାରକୀ (ନାପିତ)
ବାରିଣ୍ଡା—ବରଣ୍ଡ
ବାଲି—ବାଲୁ(କା)
ବାଲିଗୁଦ—ବାଲୁକକୂଟ
ବାଷଠି—ଦ୍ୱାଷଷ୍ଟି
ବାସଙ୍ଗ—ବାସକ(ଗୁଳ୍ମ ବି;)
ବାସିବା—ବାସ ଧା;
ବାହାଡ଼ା—ବର୍ଦ୍ଧିଡ଼କ
ବାହାର—ବହିର
ବାହୁବା—ଣିଜନ୍ତ ବହଧା;
ବାହୁଡ଼ିବା—ବି+ଆ+ବୃତଧା;
ବିଇଞ୍ଚି—ବିଚର୍ଚ୍ଚିକା
ବିକା—ବିକ୍ରୟ
ବିଚଣା—ବୀଜନ
ବିଛା—ବୃଶ୍ଚିକ
ବିଛୁଆତି—ବୃଶ୍ଚିପତ୍ରୀ
ବିଜୁଳି—ବିଦ୍ୟୁତ

ବୁଣିବା—ବୀଜଧାତୁଜ
ବଟି—ବାଟି(ଟୀ)
ବଟିଆ—ବାଟିକା
ବଣ୍ଡା—ପିଣ୍ଡ
ବତ—ବର୍ତ୍ତ
ବଦା—ବଦାଣୀ (କୃଷିସାଧନ ବି)
ବନ୍ଧା—ବନ୍ଧ
ବନ୍ଧାଣୀ — ବଧାଣୀ
ବନ୍ଧିବା—ବଧ ଧାତୁଜ
ବପଡ଼—ବପଡ୍
ବଭା — ବବାନ୍ଧ
ବରାଡ଼ି — ବରାଲୀ (ବଡ଼ାଲ)
ବର୍ହି — ବ୍ରୀହି
ବଲ — ବଲ
ବଲୁଅ — ବଲ୍ମୀକ
ବଷି — ବସତି (ଗ୍ରାମସମୂହ)
ବଷେଁ — ବତ୍ସର
ବସୁଥଳ — ବସତିସ୍ଥଳ
ବଷୋଇ — ବସତି
ବହି — ବଧି
ବହିବା — ବି + ଧଧାତୁଜ
ବୁଢ଼ା — ବୃଦ୍ଧ
ବୁନା — ବନ୍ଦ
ବେଉ(ବ)ସା — ବ୍ୟବସାୟ

ବେଙ୍ଗ — ବ୍ୟଙ୍ଗ
ବେଙ୍ଗା — ବ୍ୟଙ୍ଗ (ମୁଖରୋଗ)
ବେଠି — ବିଷ୍ଟି
ବେଢ଼ି — ବେଧ
ବେଢ଼ଣ — ବେଷ୍ଟନ
ବେଢ଼ା—ବେଷ୍ଟ
ବେଢିବା—ବେଷ୍ଟଧାତୁଜ
ବେଣା—ବୀରଣ
ବେଣ୍ଟ—ବୃନ୍ତ
ବେତ—ବେତ୍ର
ବେପାର—ବ୍ୟାପାର
ବେଭାର—ବ୍ୟବହାର
ବେଲ—ବିଲ୍ୱ
ବେଲଣା—ବେଲ୍ଲଣ
ବେଲପାର୍ଣୀ—ବିଲ୍ୱପର୍ଣୀ
ବେଲଶୁଣ୍ଠା—ବିଲ୍ୱଶୁଣ୍ଠି
ବେଲି—ବ୍ୟଲୀକ
ବେବର୍ତ୍ତ—ବ୍ୟବହର୍ତ୍ତ
ବେହା—ବିବାହ
ବୈଡୂର୍ଜ—ବୈଦୂର୍ଯ୍ୟ
ବୋଇତ—ବହିତ୍ର
ବୋଡା—ବୋଡ୍ର (ସର୍ପ ବି)
ବୋଡି—ବୋଡ୍ର
ବୋଲିବା—ବଲ ଧା

## ଶ

ଶ(ଅ)—ଶତ
ଶଅର—ଶବର
ଶଇଁ—ଶର୍ମ(ର୍ମୀ)
ଶଗଡ଼—ଶକଟ
ଶଗଡ଼ିଆ—ଶାକଟିକ
ଶଙ୍କିବା—ଶଙ୍କ୍ ଧାତୁଜ
ଶଙ୍କୁନୀ—ଶଙ୍ଖିନୀ
ଶଙ୍ଖା—ଶଙ୍ଖକ
ଶଙ୍ଖାରି—ଶଙ୍ଖକାର
ଶଞ୍ଚାଣ—ଶଶାଦନ
ଶପ—ଶପ୍ତ (ତୃଣ ବି;)
ଶମା—ଶମଥ୍ୟା
ଶରି—ଶାରିକ
ଶଲ—ଶଲ୍ୟ (କଣ୍ଟକ)
ଶଳା—ଶ୍ୟାଲ(କ)
ଶଶା—ଶଶକ
ଶଶୁର—ଶ୍ୱଶୁର
ଶସ୍ତା—ଶସ୍ତ
ଶାଓଁଳିଆ—ଶ୍ୟାମଳ
ଶାକର—ଶର୍କରା ବା ଶାର୍କର
ଶାଗ—ଶାକ
ଶାଗୁଣା—ଶକୁନ
ଶାଙ୍କୁଚ—ଶଙ୍କୋଚ (ମତ୍ସ୍ୟ ବି;)
ଶାଙ୍କୁଳ—ଶୃଙ୍ଖଳୀ
ଶାଢ଼ୀ—ଶାଠୀ
ଶାମୁକା—ଶାମ୍ବୁକ୍କ
ଶାରୁ—ଶାଲୁ
ଶାଳ—ଶାଳା
ଶାଳପନ—ଶାଳପର୍ଣ୍ଣୀ
ଶାଳି—ଶ୍ୟାଳକା(ଳୀ)
ଶାବଳ—ଶବଳା
ଶାଶୁ—ଶ୍ୱଶ୍ରୂ
ଶାହା(ହି)—ଶାଖା
ଶାହାଡ଼ା—ଶାଖୋଟ
ଶାହାଣ—ଶାଣ
ଶିଅଳ—ଶୈବାଳ
ଶିଉଳ—ଶୈବଳ
ଶିକା—ଶିକ୍ୟ
ଶିକୁଳା—ଶୃଙ୍ଖଳକ
ଶିକୁଳୀ—ଶୃଙ୍ଖଳୀ
ଶିଖିବା—ଶିକ୍ଷ ଧାତୁଜ
ଶିଙ୍ଘ—ଶୃଙ୍ଗ
ଶିଙ୍ଘଡ଼ା—ଶୃଙ୍ଗାଟକ
ଶିଙ୍ଗୀ—ଶୃଙ୍ଗୀ—(ମତ୍ସ୍ୟ)
ଶିଙ୍ଗା—ଶୃଙ୍ଗ (ବାଦ୍ୟ)
ଶିଙ୍ଘାଣି—ଶିଙ୍ଘାଣ
ଶିଠା—ଶିକ୍ଥ
ଶିମିଳ—ଶାଲ୍ମଳୀ

ଶିମ୍ବ (ମ୍ବ) — ଶିମ୍ବା
ଶିଯ୍ୟାଳ — ଶୃଗାଳ
ଶର(ରୁ)ପା — ଶିରଃପା
ଶିଳପଢା — ଶିଳାପଟ୍ଟ (ଚ)
ଶିଳପୁଅ — ଶିଳାପୁତ୍ର
ଶିଶୁ — ଶିଂଶପା
ଶୁଆଁ — ଶ୍ୟାମା
ଶୁଆ — ଶୁକ
ଶୁକ୍ଠା — ଶୁଷ୍କ
ଶୁଖା — ଶୁଷ୍କ
ଶୁଖିବା — ଶୁଷ୍ ଧାତୁଜ
ଶୁଙ୍ଘି(ଘି)ବା — ଶିନ୍ଘ୍ ଧାତୁଜ
ଶୁଝ — ଶୋଧ
ଶୁଝିବା — ଶୁଧ ଧାତୁଜ
ଶୁଣା = ଶ୍ରବଣ
ଶୁଣ୍ଡି — ଶୌଣ୍ଡିକ
ଶେଉଳ — ଶକୁଳ
ଶେଠୀ — ଶ୍ରେଷ୍ଠୀ
ଶ୍ରେଣି—ଶ୍ରେଣି(ଣୀ)
ଶେତା—ଶ୍ୱେତ
ଶେଖ—ଶଙ୍ଖ
ଶୋଇବା—ଶୀ ଧାତୁଜ
ଶୋଭି(ହ୍ନି)ବା—ଶୁଭ ଧା;
ଶୋଷିବା—ଶୁଷ ଧାତୁଜ

## ଷ

ଷଠିଧାନ—ଷଷ୍ଟିକଧାନ୍ୟ
ଷଠୀଦେଈ—ଷଷ୍ଠୀଦେବୀ
ଷଣ୍ଡିଆ—ଷଣ୍ଢ (ନପୁଂସକ)
ଷାଠି—ଷଷ୍ଟି
ଷୋଳ—ଷୋଡ଼ଶ

## ସ

ସଇଁତ୍ରିଶ—ସପ୍ତତ୍ରିଂଶତ
ସଉତୁଣୀ—ସପତ୍ନୀ
ସଙ୍ଗାତ—ସମଗାତ୍ର
ସଙ୍ଘାଡି—ସଙ୍ଘାଟିକା
ସଜ—ସଦ୍ୟ
ସଜ—ସଜ୍ଜ
ସଜଦିଅ—ସଦ୍ୟୋଦ୍ଧୃତ
ସଜନା—ସଞ୍ଜନ
ସଞ୍ଜ—ସନ୍ଧ୍ୟା
ସ(ସା)ଣ୍ଟୁଣା—ସଂସ୍ଥାନ
ସଣ୍ଢ—ସନ୍ଧବ
ସତ—ସତ୍ୟ
ସତଷଠି—ସପ୍ତଷଷ୍ଟି
ସତାଅଶୀ—ସପ୍ତାଶୀତି
ସତାଇଶ—ସପ୍ତବିଂଶ
ସତାନବେ—ସପ୍ତନବତି

ସତୁରି—ସପ୍ତତି
ସନ୍ତୁଖ—ସଂସ୍କର
ସନ୍ଥ—ସତ୍ତ୍ୱ
ସପନ—ସ୍ୱପନ
ସପ୍ତା—ସପ୍ତାହ
ସମଧ—ସମ୍ବନ୍ଧ
ସମୁଧୀ—ସମ୍ବନ୍ଧୀ
ସମୁଧୁଣୀ—ସମ୍ବନ୍ଧିନୀ
ସମ୍ଭେଇବା—ସମ୍ + ଭୂ ଧା;
ସର—ସର (ମାଲା)
ସଲ(ସା)—ସଦୃଶ୍(ପ୍ରା;ସରସ୍ସ)
ସରୁ—ସୂକ୍ଷ୍ମ
ସଖୀ—ସଖୀ
ସାଆନ୍ତ—ସାମନ୍ତ
ସାଇଁ—ସ୍ୱାମିନ୍ (ମୀ)
ସାକ୍ଷୀ — ସାକ୍ଷୀ
ସାଙ୍ଗ — ସଙ୍ଗ
ସାଜ — ସଜ୍ଜା
ସାଜମାଟି — ସର୍ଜମୃତ୍ତିକା
ସାଣ୍ଡୁଆଶି—ସଂଦଂଶ ବା ସଣ୍ଡିଶ
ସାତ—ସପ୍ତ
ସାତପୁରି—ସପ୍ତପୂରିକା
ସାନ—ସନ୍ନ
ସାପ—ସର୍ପ
ସାଲୁଆ—ସାଲ

ସାନ୍ଧା—ସନ୍ଧାଯୁ
ସାନ୍ଧୁ—ସାଧୁ
ସିନ୍ଧୁ—ସିଧ୍ରକ
ସିନ୍ଧା — ସିଦ୍ଧ
ସିନ୍ଧଗୌର — ସନ୍ଧଗୌର
ସୀଆର — ସୀର
ସୀଇବା — ସୀବ ଧା;
ସୀସା — ସୀସକ
ସୁଅ — ସ୍ରୋତ [ସ୍ରୁ]
ସୁଅଁ — ସୋମ
ସୁଆ[ହା]ଗ — ସୌଭାଗ୍ୟ
ସୁଆର — ସୂପକାର
ସୁଖୁ—ସୂକ୍ତ(ଣୀ)
ସୁଡ଼ଙ୍ଗ—ସୁରଙ୍ଗ
ସୁଢକଅ—ସୁ(ସ୍ଥୂ)ଢକ
ସୁଧ—(ଶୁ)ସୀଦ
ସୁନା—ସ୍ୱର୍ଣ୍ଣ
ସୁନାର—ସ୍ୱର୍ଣ୍ଣକାର
ସୁନାସ୍ତୀ — ସ୍ୱର୍ଣ୍ଣଯୀଷ୍ଟି (ବୃକ୍ଷ ବି;)
ସୁନସୁନିଆ—ଶୂନଷଣ୍ଢିକ
ସୁନ୍ଥା — ସୀମନ୍ତ
ସୁମରଣ = ସ୍ମରଣ
ସୁମରିବା—ସ୍ମୃ ଧାତୁଜ
ସୁରାଟ—ସୁରାଷ୍ଟ୍ର
ସୁତା—ସୂତ୍ର

ଧିଭାଭାକୁଡ଼—ସୂକରକର୍କୁଠୀ
ସେକିବା—ସିଚ୍ ଧାତୁଜ
ସେଣା—ସେଚନକ
ସେବତି—ସେମନ୍ତୀ (ପୁଷ୍ପ)
ସୋଇବା—ସ୍ୱପ୍ ଧାତୁଜ
ସୋରିଷ—ସର୍ଷପ ବା ସରିଷପ
ସୌକି—ସୌଖିକ
ସ୍ୱାଇଁ—ସ୍ୱାମୀ

## ହ

ହଇ ହୋ—ହଂ ହୋ
ହଠ—ହଠ (ବଳାତ୍କାର)
ହଠୁଣୁ—ହଠାତ୍ ?
ହତା—ହସ୍ତକ
ହମା—ହମ୍ମା
ହରଡ଼—ହରେଣୁ ? ବା ଅଢକୀ
ହରକାଠ—ହଡ଼କାଷ୍ଠ
ହରଡ଼ା—ହରୀତକୀ
ହଳଅ—ହଳଦୀ
ହଳଅ } —ହାଳକ
ହଳୁଅ }
ହଲିବା—ହିଲ୍ଲୋଳ ବା ହୁଲ୍ ଧା;
ହବିଷ—ହବିଷ୍ୟ
ହାଁ—ଆମ୍
ହାଇ—ହାଫିକା
ହାକୁଟି—ହିକ୍କା
ହାଠ—ହଟ୍ଟ
ହାଡ଼—ହଡ୍ଡ
ହାଡି—ହଡ୍ଡିକ
ହାଣିବା—ହନ୍ ଧା;
ହାଣ୍ଡି—ହଣ୍ଡିକା
ହାତ—ହସ୍ତ
ହାତୀ—ହସ୍ତୀ
ହାତୀଦାନ୍ତ—ହସ୍ତିଦନ୍ତ
ହାନ୍ଦୋଳା—ଅନ୍ଦୋଳକା
ହାର—ହାର (ପରାଜୟ)
ହିଁ—ହି (ନିଶ୍ଚୟାର୍ଥକ ଅ;)
ହିଆ—ହୃଦୟ
ହିଞ୍ଚଲ—ହି(ଇ)ନ୍ତାଲ
ହିଡ଼—ହିଲ
ହିଡ଼ମିଚ୍—ହିଲମୋଚିକା
ହୀରା—ହୀରକ
ହୁଁ—ହୁମ୍
ହୁଁ—ହୂମ୍ (କ୍ରୋଧେ)
ହୁଡା—ହୁଡ଼
ହୁଡୁକା—ହୁଡୁକ୍କ
ହୁମଧୂଆଁ—ହୋମଧୂମ
ହୂଣ—ହୂନ
ହେଙ୍କା—ହି(ହେ)କ୍କା

| | |
|---|---|
| ହେନ୍ତୁ — ହିଙ୍ଗୁ | ହେବା — ଭୂ ଧାତୁଜ |
| ହେଣ୍ଡି-ମାରବା — ହିଡଧା; | ହୈହୋ — ହଂ ହୋ |
| ହେନ୍ତାଳ — ହିନ୍ତାଳ | ହୋ (ହେ) — ଭୋ(ସ୍) |
| ହେମାଳ — ହିମକାଳ ବା ହିମଜାଳ | ହୋର — ହୋଳାକା |

## ଅପଭ୍ରଂଶର ସାଧାରଣ ନିୟମ ।

ସଂସ୍କୃତ ଭାଷାର ଯେଉଁ ଯେଉଁ ବର୍ଣ୍ଣ ତଭବ ପ୍ରାକୃତ ଭାଷାରେ କ୍ରମେ ରୂପାନ୍ତରିତ ହୋଇଅଛି, ସେଥିରୁ କେତେକ ନିମ୍ନରେ ପ୍ରଦର୍ଶିତ ହେଲା ।

| ସଂସ୍କୃତ—ଅପଭ୍ରଂଶ | ସଂସ୍କୃତ—ଅପଭ୍ରଂଶ |
|---|---|
| ବ——ଉ | ଷ୍କ——ଖ (କ୍ଷ) |
| ଅବ——ଓ | ନ୍ତ——ନ୍ତ |
| ଟ——ଡ଼ | ମ——ଅଁ |
| ଠ——ଢ଼ | ଶ, ଷ——ଛ |
| ପ——ବ | ଋ——ଇ |
| ଭ——ହ | ଯୃ——ଅ |
| ଖ, ଥ, ଧ——ହ | କ, ତ, ଦ, ପ (ବ)——ଅ |
| ସ୍ତ——ଥ | ନ——ଣ |

ପ୍ରତ୍ୟେକ ଯୁକ୍ତାକ୍ଷରର ଉତ୍ପାଦକବର୍ଣ୍ଣମାନଙ୍କ ମଧ୍ୟରୁ ଗୋଟିଏ ପ୍ରଧାନ ବର୍ଣ୍ଣ କିଂବା ପ୍ରଥମ ବର୍ଣ୍ଣ କେବଳ ଅବଶିଷ୍ଟ ରହେ ।

## ଭାଷା, ପ୍ରଚଳିତ ଅବିକୃତ ସଂସ୍କୃତ ଶବ୍ଦାବଳୀ ।

| | | |
|---|---|---|
| ଅରୁଣ | କଚ୍ଛୁ | କୋଳ |
| ଅଳଙ୍କାର | କଳଙ୍କୀ | ଖଡ଼ୀ |
| ଅଶ୍ୱନ୍ଧା | କଲମ | ଖଣ୍ଡ (ଗୁଡ଼ବିକାର) |
| ଆକ୍ଷାଠି (ଫଳ) | କଳମ୍ବ | ଖଳ |
| ଆଢ଼ | କଳସୀ | ଖାତ |
| ଅସ୍ଥି | କଳି | ଖାତକ |
| ଆଳୁ | କବାଟ | ଖେଳା |
| ଅସନ | କାଣ୍ଡ | ଖୋଳ |
| ଆନ୍ଧୁଢ | କାଳୀ | ଗଞ୍ଜ (ଭଣ୍ଡାର) |
| ଉ (ନିଷେଧ) | କାଶ | ଗନ୍ଧ |
| ଉଦନ୍ତ (ବାର୍ତ୍ତା) | କୁଣ୍ଡ(ଣ୍ଡୀ) | ଗମ୍ଭାରୀ |
| ଉଦୁମ୍ବର | କୁଣ୍ଡଳ | ଗରଳ |
| କଙ୍କାଳ | କୁମ୍ଭ | ଗାଳ |
| କଣ୍ଠୀ | କୁନାଙ୍ଗାର | ଗୁଡ଼ |
| କଦଳୀ | କୂଳ | ଗୁଣ (ରଜ୍ଜୁ) |
| କନ୍ଥା | କେତକୀ | ଗୋଧି |
| କନ୍ଦମୂଳ | କେନ୍ଦୁ | ଗୋରସ |
| କଫ | କୋଣ | ଗୋବର* |
| କମ୍ବଳ | କୋଳ | ଗୋଳ |

*ଶେଷ୍ଠାଦ୍ୟ ଗୋଖୁରକ୍ଷୁଣ୍ଣଶୁଷ୍କଚୂର୍ଣ୍ଣିତଗୋମୟଂ,
ଗୋବରନ୍ତତ୍ ସମାଖ୍ୟାତଂ ବରିଷ୍ଠଂ ରସସାଧନେ (ଭାବପ୍ରକାଶ)

| | | |
|---|---|---|
| ଗୋଲ୍ପ | ଝଞ୍ଝା | ନଳୀ |
| ଗୋଷ୍ଠୀ | ଝଣ ଝଣ | ନା [ନିଷେଧ] |
| ଗୌଣୀ | ଝିଣ୍ଟିକା | ନାହିଁ |
| ଘଣ୍ଟା | ଡ଼ମ୍ବ [କାଉ ବ;] | ନାଡ଼ୀ |
| ଘଣ୍ଟିକା [ତାଳୁସ୍ଥଜିହ୍ୱା] | ଡିମ୍ବ | ନାରଙ୍ଗ |
| ଘାସ | ଡୋର | ନକ୍ର |
| ଘୋଲଘୁଣ୍ଟ | ଢୋଲ | ନିର୍ମାଲ୍ୟ |
| ଚକ୍ ଚକ୍ | ଢାଲ | ପଙ୍କ |
| ଚୂଣ୍ଡ [ବେଣୀ] | ଢାଲି | ପଟ୍ଟ |
| ଚୂଲ | ତୁଣ୍ଡ | ପଟ୍ଟୀ |
| ଚୀର [ଗୋସ୍ତନ] | ତୁଲୀ | ପଣ |
| ଚୂଳ | ତେଳପତ୍ର | ପଲ |
| ଚେଡ଼ୀ | ଦର (ଈଷତ୍] | ପଲ୍ୱଳ |
| ଚେଲା | ଦର୍ପଣ | ପାଗଳ* |
| ଚୌର | ଦଳ[ଜଳୋପରସ୍ଥତୃଣ, | ପାଦ |
| ଛଟା | ଦୀପ | ପାରଣା |
| ଛନ୍ଦ | ଦୁର୍ଲଭ | ପୁଚ୍ଛ |
| ଛଲ | ଦେବଦାରୁ | ପେଡ଼ା |
| ଝୁଲ | ଦୋଳ | ପ୍ରତିମା |
| ଛିଦ୍ର | ଦୋଳୀ | ଫେଣ |
| ଜଟା | ଧାର(ଋଣ) | ଭଙ୍ଗି |
| ଜପନ୍ତୀ | ଧୂଳି | ଭାର |
| ଜାଲି | ନଖ | ଭାଲୁ |

*ତତ୍ତ୍ର ଏତସ୍ମିନ ମଙ୍ଗଳଂ ମଧ୍ୟତଂ ଦୋଳ ମୁଚ୍ୟତେ । (ସୁଶ୍ରୁତ)

*ପାଗଲାପ୍ରୀଙ୍ଗମ୍ମୀନାସ୍ତୁ ଗୃଦ୍ଧାପୂର୍ବଧିସ୍ଥୃତ(ବ୍ରହ୍ମବୈ;ପୁ;)ପା-ଗଲ--କ୍ୱିପ୍

ଭୈର(ବୀ)
ମକୁଟ
ମଙ୍ଗ (ନୌକାଗ୍ର)
ମଠ
ମଣିବନ୍ଧ
ମଣ୍ଡପ
ମଣ୍ଡଳ
ମଧୁର
ମନ୍ଦାର
ମନ୍ମଥ
ମର୍ମ
ମଲ୍ଲି
ମଣ୍ଡାର
ମହାକାଳ
ମାଣିକ
ମାଳୀ (ଜାତି ବି;)
ମୀନ
ମୁଚୁକୁନ୍ଦ
ମୁଣ୍ଡ
ମୁରଲୀ
ମୁଷଳ
ମୁହୂର୍ତ୍ତ
ମୂର୍ଚ୍ଛନା
ମୃଦଙ୍ଗ
ମେଘ

ମେଳା
ମ୍ଳେଚ୍ଛ
ଯାଗ
ଯାତାୟାତ
ଯଷ୍ଟୀ
ଯୋଗୀ
ରକ୍ତ
ରଙ୍କ (କୃପଣ)
ରଙ୍ଗ
ଭ୍ରମ
ରାଗ
ରା
ରାଳ
ଲକ୍ଷଣ
ଲଘୁ
ଲବ
ଲେଖନ
ଲେଖା
ଲେପ
ଲେଶ
ବଡ଼ା
ବନ୍ଦନା
ବନ୍ଧକ
ବର
ବରୁଣ (ବୃକ୍ଷ)

ବଳି
ବସ୍ତି (ବସତି)
ବଲ୍କଲ
ବାହି
ବାଣି(ଷଣ୍ମୁଖ)
ବାଗ
ବାନ୍ତ
ବାର
ବାଳ
ବାସନା (ଗନ୍ଧ)
ବିଳଣ୍ଡା
ବିଭୂତି
ବେଣି (ଣୀ)
ବେଦନା
ବେଧ
ବେଳ
ଶରତ[ଦ]
ଶାର[ଦା]
ଶିଘାଣି
ଶିମ୍ବ
ଶିଳ୍ପ
ଶିଳ
ଶୁଣ୍ଠି
ଶୂଳ
ଶୂଳା[ସ୍ଥାଳକ]

| | | |
|---|---|---|
| ଶ୍ଳୋଥ | ସାନ | ହାଡ |
| ଶ୍ରାଦ୍ଧ | ହଣ୍ଡା [ବୃହତ୍‌ହାଣ୍ଡିକା] | ହିଙ୍ଗୁଳ |
| ଶୂଦ୍ର | ହତ୍ୟା | ହିମ |
| ଷଣ୍ଢ [ବୃଷଭ] | ହରିଣ | ହୀନ |
| ସଂକ୍ରାନ୍ତି | ହରିତାଳ | ହୁଡୁମ୍ [ଉଷ୍ଟ୍ରଚପେଟକ] |
| ସଙ୍କେତ | ହଳ | ହୁଳହୁଳି |
| ସନ୍ନିପାତ | ହସ | ହେଳା |
| ସର | ହାଙ୍ଗର | |
| ସେର | ହାନି | |

ସମାପ୍ତ ।

U. P. Works:—Cuttack.

ପଣ୍ଡିତ ଶ୍ରୀମୃତ୍ୟୁଞ୍ଜୟ ରଥ କୃତ 'ପ୍ର ଗଳ ଲାଇବ୍ରେରୀ'ର ପୁସ୍ତକାବଳୀ; —

| | | | |
|---|---|---|---|
| ମୁଦ୍ରାରାକ୍ଷସ (ନାଟକ) | | ... | ଟ ୦ ୯ |
| ବକ୍ରମୋକ୍ଷଣୀ ,, | | ... | ଟ ୦ । |
| ପ୍ରବନ୍ଧପାଠ | ... | ... | ଟ ୦ ୯ |
| ଶୀଉଳାଭରଣ | ... | ... | ଟ ୦ । |
| ନରାଜ (କାବ୍ୟ) | ... | ... | ଟ ୦ ୷ |
| ମୂଳଶବ୍ଦବୋଧିକା | ... | ... | ଟ ୦ ୷ |
| | | | ଟ ୧୷ |

ଗ୍ରାହକଗଣ ଏକତ୍ର ଆମ୍ଭଠାରୁ ଏକସାର ନେଲେ ଟ ୧୯ ରେ ପାଇବେ ।

ବାଲୁବଜାର
କଟକ

ଶ୍ରୀ ହରେକୃଷ୍ଣ ଦାସ
ଚନ୍ଦ୍ରୋଦୟ ପୁସ୍ତକାଳୟ